## ସଂକ୍ଷେପରେ

### ସେବତୀ ଦେଈଙ୍କ ପରଲୋକ



**ଭୁବନେଶ୍ୱର, ୨୧।୧(ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲା ଭାଗବତପୁର (ବାଲିଆ) ଅଞ୍ଚଳର ମହୀୟସୀ ମହିଳା ସେବତୀ ଦେଈଙ୍କର ପରଲୋକ ହୋଇଛି। ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା। ସେ ଜଣେ ଧର୍ମପରାୟଣା, ପରୋପକାରୀ ଓ ମେଳାପି ମହିଳା ଥିଲେ। କରୋନା କଟକଣା ଭିତରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ ପୁଅ ତଥା ଗୃହ ଓ ନଗର ଉନ୍ନୟନ ବିଭାଗର ଲୋକସମ୍ପର୍କ ଅଧିକାରୀ ପ୍ରଭାକର ସାହୁ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ସମୟରେ ତାଙ୍କ ପାଖରେ ୪ ପୁଅଙ୍କ ସମେତ ପୁତ୍ରବଧୂ ଓ ପ୍ରିୟଜନମାନେ ଉପସ୍ଥିତ ଥିଲେ।

### ସଂସ୍କୃତି ସୁରକ୍ଷା ସଙ୍ଗଠନର ପ୍ରତିଭା ସମ୍ମାନ

**ବାଲିଆ, ୨୧।୧:** ଜଗତସିଂହପୁର ଜିଲା ବିରିଡି ବ୍ଲକ ଦରଡା ଶାସନରେ ମାଳିକା ପ୍ରସିଦ୍ଧ ରତ୍ନଯୋଡି କୂଳରେ ସଂସ୍କୃତି ସୁରକ୍ଷା ସଂଗଠନର ପ୍ରତିଭା ସମ୍ମାନ ସମାରୋହ କୋଭିଡ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ବିବେକାନନ୍ଦ ପଣ୍ଡା, ଓଡିଆ ସଂସ୍କୃତି ରକ୍ଷକ ଯୋଗଦେଇ ବୈକୁଣ୍ଠ ନାଥ ରାଉତଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ମୁଖ୍ୟ ବକ୍ତା ଭାବେ ରଞ୍ଜନ ସେନାପତି ଉପସ୍ଥିତ ଥିଲେ। ଉତ୍ସବକୁ ଅନୁଷ୍ଠାନର ସଭାପତି ଅନନ୍ତ ଚରଣ ଦଳାଇ, ସମ୍ପାଦକ ଭରତ ଚନ୍ଦ୍ର ମାଝି, ସ୍ମୃତି ରଞ୍ଜନ ଭୋଇ, ପ୍ରମୋଦ କୁମାର ବାଘୀ ଓ ବିଶ୍ୱ ରଞ୍ଜନ ବେହେରା ପରିଚାଳନା କରିଥିଲେ। ଗୁରୁପ୍ରସାଦ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

### ଡେରାବିଶ ଅତିରିକ୍ତ ତହସିଲଦାରଙ୍କ ପରଲୋକ

**ଡେରାବିଶ,୨୧।୧(ସ୍ୱ.ପ୍ର):** ଡେରାବିଶ ତହସିଲରେ କାର୍ଯ୍ୟରତ ଥିବା ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ମହାନ୍ତିଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୬ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ମହାନ୍ତି ଦୁଇବର୍ଷ ହେବ ଡେରାବିଶ ତହସିଲରେ କାର୍ଯ୍ୟ କରୁଥିଲେ। ପ୍ରାୟ ୧୦ଦିନ ତଳେ ତହସିଲ କଲୋନୀ ସ୍ଥିତ ଘରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅଧିକ ଚିକିତ୍ସା ପାଇଁ କଟକ ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ହୃଦ୍ ରୋଗରେ ପୀଡ଼ିତ ଥିବା ଜଣାପଡ଼ିବା ପରେ ଅସ୍ତ୍ରୋପଚାର କରାଯାଇଥିଲା। ୩ ଦିନ ତଳେ ସେ ଡାକ୍ତରଖାନାରୁ ଫେରି କଟକସ୍ଥିତ ନିଜ ସମ୍ପର୍କୀୟଙ୍କ ଘରେ ଥିବାବେଳେ ଗୁରୁବାର ଅପରାହ୍ନରେ ପୁଣି ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ରାତି ୧୧ଟାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଜଣେ ମେଳାପି, ମିଷ୍ଟଭାଷୀ ଓ କର୍ତ୍ତବ୍ୟ ପରାୟଣ ବ୍ୟକ୍ତି ଭାବେ ଡେରାବିଶ ଅଞ୍ଚଳରେ ସମସ୍ତଙ୍କ ନିକଟରେ ପରିଚିତ ଥିଲେ। ଏହି ଉପଲକ୍ଷେ ଆଜି ଡେରାବିଶ ତହସିଲ କାର୍ଯ୍ୟାଳୟରେ ତହସିଲଦାର ନମିତା ବାରିକଙ୍କ ପୌରୋହିତ୍ୟରେ ଶୋକସଭା କରାଯାଇଥିଲା।

### ସିଦ୍ଧ ପରମହଂସ ନୋଡାଲ ସ୍କୁଲରେ ଶିକ୍ଷଣ କର୍ମଶାଳା

**ପଟ୍ଟାମୁଣ୍ଡାଇ,୨୧।୧(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସିଦ୍ଧ ପରମହଂସ ନୋଡାଲ ଉପ୍ରା ସ୍କୁଲ ଶ୍ରେଣୀଗୃହରେ ଶିକ୍ଷଣ କର୍ମଶାଳା ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ରମେଶ ଚନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାକୁ ଦଣ୍ଡବତୀ ଉପ୍ରା ସ୍କୁଲ ପ୍ରଧାନ ଶିକ୍ଷକ ପଦ୍ମଚରଣ ପଣ୍ଡା ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ କୁମାର ଦାସ, ପୂର୍ବତନ ସିଆର୍‌ସିସି ନନ୍ଦ କିଶୋର ରାଉତ, ସହକାରୀ ଶିକ୍ଷକ ପ୍ରଶାନ୍ତ ସାହୁ ଯୋଗଦେଇଥିଲେ। ସେମାନେ ଶିଶୁ ଉପଯୋଗୀ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କଲେ ପିଲାମାନଙ୍କ ମଧ୍ୟରେ ପାଠ ପଢ଼ିବାକୁ ଆଗ୍ରହ ସୃଷ୍ଟି ହେବ ବୋଲି ମତ ପ୍ରକାଶ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଆଲୋଚନାଚକ୍ରରେ ଗୀତାଞ୍ଜଳି ବାରିକ, ଅଜୟ କୁମାର ମଲ୍ଲିକ, ସତ୍ୟବ୍ରତ ସାମନ୍ତରାୟ, ଦୀପ୍ତିରେଖା ବେହେରା, ବିଶାଖା ରାଉତରାୟ ପ୍ରମୁଖ ଭାଗ ନେଇଥିଲେ। ସହକାରୀ ଶିକ୍ଷକ ଉତ୍କଳ ସେଠୀ ଧନ୍ୟବାଦ ଦେଇଥିଲେ। କର୍ମଶାଳାରେ ସ୍ଥାନୀୟ ଅଞ୍ଚଳର ୧୦ଟି ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ନିଜ ନିଜର ଶିକ୍ଷଣ ସାମଗ୍ରୀ ଉପସ୍ଥାପନ କରିଥିଲେ।

# କୋଭିଡ୍ କଟକଣା ମାନିଲେନି ପ୍ରାର୍ଥୀ

**ଜଗତ୍‌ସିଂହପୁର ଅଫିସ, ୨୧।୧**



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରାର୍ଥୀ ଓ ସମର୍ଥକଙ୍କ ଭିଡ଼।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଅନ୍ତିମ ଦିନରେ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାର ମୋଟ ୨୬ ଜିଲା ପରିଷଦ ଆସନ ପାଇଁ ୧୦୬ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଶୁକ୍ରବାର ୭୯ ଜଣ ନାମାଙ୍କନ ଭରିଛନ୍ତି। ଏହି ପଦବୀ ପାଇଁ ୧୨୧ ପ୍ରାର୍ଥୀପତ୍ର କାଗଜ କିଣାଯାଇଥିବା ବେଳେ ସେଥିମଧ୍ୟରୁ ୧୫ଟି କୌଣସି କାରଣରୁ ଦାଖଲ ହୋଇପାରି ନାହିଁ। ନାମାଙ୍କନପତ୍ର ଦାଖଲ ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡିଆରେ ଭିଡ ଦେଖିବାକୁ ମିଳିଥିଲା। ଯେହେତୁ ବିଜେଡି ପ୍ରାର୍ଥୀ ତାଲିକା ଗୁରୁବାର ରାତି ୧୧ଟା ପର୍ଯ୍ୟନ୍ତ ଚୂଡାନ୍ତ ହୋଇପାରି ନ ଥିଲା ତେଣୁ ଦଳରେ ନିଆରା ପରିବେଶ ସୃଷ୍ଟି ହୋଇଥିଲା। ବିଳମ୍ବିତ ରାତିରେ ପ୍ରାର୍ଥୀ ତାଲିକା ଚୂଡାନ୍ତ ହୋଇଥିଲା। ଫଳରେ ନିରାଶ ଆଶାୟୀମାନେ ସ୍ୱାଧୀନ ଭାବେ ପ୍ରାର୍ଥୀପତ୍ର ଦାଖଲ କରିବାକୁ ସୁଯୋଗ ପାଇଲେନି ବୋଲି କେତେଜଣ କହିଛନ୍ତି। ଏଭଳି ପରିସ୍ଥିତି ଉପୁଜିବା ଆଶଙ୍କା କରି ଦଳ ପକ୍ଷରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇ ନ ଥିବା କୁହାଯାଇଛି। କିନ୍ତୁ ଭାଜପା ଓ କଂଗ୍ରେସ କ୍ଷେତ୍ରରେ ସେଭଳି ସମସ୍ୟା ଦେଖାଯାଇ ନ ଥିଲା। ତେବେ ଅନ୍ତିମ ଦିନରେ ଜିଲାର ସମସ୍ତ ଜୋନରୁ ଦଳୀୟ ନେତାମାନେ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଯିବାରୁ ପରିସ୍ଥିତି ଜଟିଳ ହୋଇଥିଲା। କୋଭିଡ୍ ନିୟମ ପାଳନରେ ବାଧା ଉପୁଜିଥିଲା। ଶେଷ ଦିନରେ ନାମାଙ୍କନପତ୍ର ଦାଖଲ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଏରସମା ୧ ନଂ. ଜୋନରୁ ୪ ଜଣ, ଏରସମା ୨ରୁ ୩, ଏରସମା ୩ରୁ ୩ , ଏରସମା ୪ ରୁ ୨ ଜଣ ଲେଖାଏ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି କୁଜଙ୍ଗ୧ରୁ ୪, କୁଜଙ୍ଗ ୨ରୁ ୩, କୁଜଙ୍ଗ ୩ ରୁ ୨, କୁଜଙ୍ଗ ୪ରୁ ୨, ଜଗତ୍‌ସିଂହପୁର ୧ରୁ ୩, ଜଗତ୍‌ସିଂହପୁର ୨ରୁ ୪, ଜଗତ୍‌ସିଂହପୁର ୩ରୁ ୪, ଜଗତ୍‌ସିଂହପୁର ୪ରୁ ୫, ତିର୍ତ୍ତୋଲ ୧ରୁ ୨, ତିର୍ତ୍ତୋଲ ୨ରୁ ୪, ତିର୍ତ୍ତୋଲ ୩ରୁ ୩ ଓ ତିର୍ତ୍ତୋଲ ୪ରୁ ୨ ଜଣ ପ୍ରାର୍ଥୀ ହୋଇଛନ୍ତି। ସେହିପରି ନାଉଗାଁ ୧ରୁ ୨, ନାଉଗାଁ ୨ରୁ ୩, ବାଲିକୁଦା ୧ରୁ ୨, ବାଲିକୁଦା ୨ରୁ ୫, ବାଲିକୁଦା ୩ରୁ ୪, ବାଲିକୁଦା ୪ରୁ ୪, ବିରିଡ଼ି ୧ରୁ ୨, ବିରିଡ଼ି ୨ରୁ ୩, ରଘୁନାଥପୁର ୧ରୁ ୨ ଓ ରଘୁନାଥପୁର ୨ରୁ ୩ ଜଣ ଲେଖାଏ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

**୨୬ ଜିଲା ପରିଷଦ ଜୋନରେ ୧୦୬ ପ୍ରାର୍ଥୀପତ୍ର**

### ଛାତରୁ ପଡ଼ି ଦାଦନ ଶ୍ରମିକଙ୍କ ମୃତ୍ୟୁ

**ରାଜନଗର, ୨୧।୧(ଡି.ଏନ.ଏ.)**

ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ଚମ୍ପାଦିଆ ଗାଁର ଅଭିମନ୍ୟୁ ସାହୁ (୩୪)ଙ୍କର ଗୁରୁବାର ରାତିରେ ବେଙ୍ଗାଲୁରୁରେ ମୃତ୍ୟୁ ଘଟିଛି। ଅଭିମନ୍ୟୁ ବେଙ୍ଗାଲୁରୁରେ ରଡ ବାଇଣ୍ଡିଂ କାମ କରନ୍ତି। ରାଜନଗର ଅଞ୍ଚଳର ଜଣେ ଠିକାଦାରଙ୍କ ନିକଟରେ ରହି ଏହି କାମ କରୁଥିଲେ। ୧୦ ସେପ୍ଟେମ୍ବର ୨୦୨୧ରେ ୪ ମହଲା ଉପରେ ରଡ ବାଇଣ୍ଡିଂ କରୁଥିବା ବେଳେ ଛାତରୁ ତଳକୁ ଖସି ପଡିଥିଲେ। ତାଙ୍କର ମେରୁଦଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ସେ ସେହିଦିନଠାରୁ ବେଙ୍ଗାଲୁରୁର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଗୁରୁବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଚମ୍ପାଦିଆ ଗାଁର ଅର୍ଜୁନ ସାହୁଙ୍କ ସେ ଏକମାତ୍ର ପୁତ୍ର। ଘରେ ବାପା, ମା'ଙ୍କ ସହ ସ୍ତ୍ରୀ ଓ ୬ ବର୍ଷର ପୁଅ ଅଛନ୍ତି। ତାଙ୍କ ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଅଭିମନ୍ୟୁଙ୍କ ମରଶରୀର ଏଯାଏ ଗାଁରେ ପହଞ୍ଚି ନାହିଁ।

## ମଣ୍ଡଳସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା




ଆଳିଠାରେ ଶିକ୍ଷଣ ସାମଗ୍ରୀ କର୍ମଶାଳାରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ ଓ ଅନ୍ୟମାନେ।

**ଆଳି,୨୧।୧(ଡି.ଏନ.ଏ.)**

ଆଳି ମଣ୍ଡଳସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ମାନପୁର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଉଦ୍‌ଯାପିତ ହୋଇଛି। ସମଗ୍ର ଶିକ୍ଷା ଅଧୀନରେ ପରିଚାଳିତ ଏହି କାର୍ଯ୍ୟକ୍ରମ ପ୍ରଥମେ କ୍ଲଷ୍ଟର ସ୍ତରରେ କରାଯିବା ପରେ ମଣ୍ଡଳସ୍ତରୀୟ ହୋଇଥିଲା। ବିଭାଗୀୟ ଶିକ୍ଷା ପ୍ରଶିକ୍ଷକମାନଙ୍କର ପ୍ରଶିକ୍ଷଣ ଅନୁଯାୟୀ କୋମଳମତି ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ ପ୍ରତି ଆକୃଷ୍ଟ କରିବାକୁ ନୋ କଷ୍ଟ ଲୋ କଷ୍ଟ ନୀତିରେ ଶିକ୍ଷଣ ସାମଗ୍ରୀ ତିଆରି କରି ଶିକ୍ଷା ଦିଆଯିବ। ଏହି ପରିପ୍ରେକ୍ଷୀରେ ଶିକ୍ଷକମାନେ ଅତି କମ୍ ଖର୍ଚ୍ଚରେ କିଭଳି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଯାଇ ପାରିବ ସେ ବିଷୟରେ ହିଁ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଆଳି ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ଅଧୀନରେ ଥିବା ୧୭ଟି କ୍ଲଷ୍ଟର ସ୍ତରରେ ଗତ ୧୨ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଏହି କର୍ମଶାଳା ହୋଇଥିଲା। ମଣ୍ଡଳସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳାରେ ବ୍ଲକର ୩୪ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ଏହାକୁ ଆଳି ମଣ୍ଡଳ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପରିଡା ଉଦ୍‌ଘାଟନ କରିଥିଲେ। ଆଳି ମଣ୍ଡଳ ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବିଆର୍‌ସିସି ପାବନୀ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପ୍ରାକ୍ତନ ବିଆର୍‌ସିସି ପ୍ରଦୀପ୍ତ କୁମାର ରଥ ମୁଖ୍ୟଅତିଥି, ଅତିରିକ୍ତ ଶିକ୍ଷା ଅଧିକାରୀ ରମାକାନ୍ତ ମହାପାତ୍ର, ମାନପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରକାଶ ସାହୁ, ବ୍ଲକ ନୋଡାଲ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ଏହି କର୍ମଶାଳା କାହିଁକି କରାଯାଉଛି ସେ ବିଷୟରେ ଆଲୋଚନା କରିଥିଲେ। କର୍ମଶାଳାରେ ବି.ଏସ. ନୋଡାଲ ୟୁପି ସ୍କୁଲ୍‌ର ଶିକ୍ଷୟିତ୍ରୀ ମୀନାକ୍ଷୀ ସାହୁ ସାମାଜିକ ବିଜ୍ଞାନରେ, ଚକ୍ରଧର ହାଇସ୍କୁଲର ପ୍ରତିଭା ସାହୁ ବିଜ୍ଞାନରେ, ଅରେହିକଣା ୟୁପି ସ୍କୁଲର ସୁକାନ୍ତ ଲେଙ୍କା ଗଣିତରେ, ଏକମାଣିଆ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରୁ ଶିକ୍ଷକ ପ୍ରଶାନ୍ତ ସାହୁ ଭାଷାରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ପାଇଁ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ କର୍ମଶାଳାରେ ଯୋଗ ଦେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପଟ୍ଟାମୁଣ୍ଡାଇ ବ୍ଲକ ବିଆର୍‌ସିସି ଚନ୍ଦ୍ର ଶେଖର ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ଏବିଓ ଉଦକର ସାମଲ ଯୋଗ ଦେଇଥିଲେ।

## ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଅଭିଯୋଗ

**ଏରସମା,୨୧।୧(ସ୍ୱ.ପ୍ର.)**

ଏରସମା ଥାନା ଅନ୍ତର୍ଗତ ଭିତର ଅନ୍ଧାରି ପଞ୍ଚାୟତସ୍ଥିତ ଜଳଉ ଗ୍ରାମର ଜଣେ ମହିଳାଙ୍କ ଗୁରୁବାର ରାତିରେ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି । ସେ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ଖରିଗୋଠ ଗ୍ରାମର ଶ୍ରୀଧର ପ୍ରଧାନଙ୍କ ଝିଅ ରଞ୍ଜିତା। ଯୌତୁକ ପାଇଁ ତାଙ୍କୁ ହତ୍ୟା କରାଯାଇଥିବା ଶୁକ୍ରବାର ବାପା ଏରସମା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ, ରଞ୍ଜିତା ୯ ବର୍ଷ ତଳେ ଜଳଉ ଗ୍ରାମର ଜ୍ୟୋତିରଞ୍ଜନ ଦାସଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସେତେବେଳେ ବରଘର ଦାବି ମୁତାବକ ଯୌତୁକ ଦିଆଯାଇଥିଲା । ମାତ୍ର ଅଧିକ ଯୌତୁକ ଦେବାକୁ ଶାଶୁଘର ପକ୍ଷରୁ ବାରମ୍ବାର ଦାବି କରାଯାଉଥିଲା। ଶୁକ୍ରବାର ସକାଳେ ରଞ୍ଜିତା ଦୌଡି ଲଗାଇ ଆତ୍ମହତ୍ୟା କରିଥିବା ଝିଅର ଶାଶୁଘର ଲୋକେ ଶ୍ରୀଧରଙ୍କୁ ଜଣାଯାଇଥିଲେ। ମାତ୍ର ରଞ୍ଜିତାଙ୍କୁ ହତ୍ୟା କରାଯିବା ପରେ ଆତ୍ମହତ୍ୟାର ରୂପ ଦିଆଯାଇଥିବା ବାପା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ପକ୍ଷରୁ ମାମଲା (ନଂ.୨୫/୨୨) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି।

### ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା

**ଏରସମା,୨୧।୧(ସ୍ୱ.ପ୍ର.)**

ଏରସମା ଥାନା ନିକଟସ୍ଥ ଚନ୍ଦ୍ରଜିତ ଦାସଙ୍କ ଘରେ ଗୁରୁବାର ରାତିରେ ନିଆଁ ଲାଗି ୩ ବଖରା ଜଳିଯାଇଛି। ଅଗ୍ନିକାଣ୍ଡରେ ଘରର ଆସବାବପତ୍ର ସମେତ ଧାନ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ିଯାଇଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ଖବର ପାଇ ଏରସମା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ମାଛଧରା ବୋଟ୍‌ରୁ ଖସି ମତ୍ସ୍ୟଜୀବୀ ନିଖୋଜ

**ମହାକାଳପଡ଼ା, ୨୧।୧ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ଖରିନାସୀ–ଟୁଁବି ଫେରିଘାଟ ନିକଟରେ ଶୁକ୍ରବାର ଏକ ମାଛଧରା ଡଙ୍ଗାରୁ ଅସାବଧାନତା ଯୋଗୁ ଆଦିବାସୀ ୧୨ ନଂ. ଗ୍ରାମର ବାଲୋକ ହାଂସଦା (୩୦) ଖସି ପଡ଼ି ନିଖୋଜ ହୋଇଥିଲେ। ଖବରପାଇ ମହାକାଳପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ପତ୍ତା ମିଳି ନାହିଁ। ତେବେ ବନ୍ଦେ ମାତରମ୍ ବୋଟ୍‌ରେ ପୋଷାକ ବଦଳାଇ ନଦୀରେ ଗାଧୋଇବା ବେଳେ ହଠାତ୍ ହାଂସଦାଙ୍କ ଗୋଡ଼ ଖସି ଯାଇଥିଲା। ସ୍ଥାନୀୟ ଲୋକେ, ମା' ରାମଚଣ୍ଡୀ ବୋଟ୍ ମାଲିକ ସଂଘ ଓ ଅଗ୍ନିଶମ ବିଭାଗ କର୍ମଚାରୀ ମିଳିତ ଭାବେ ଡଙ୍ଗା, ଜାଲ ସାହାଯ୍ୟରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ତେବେ ସମୁଦ୍ର ଜୁଆର ଅଧିକ ଥିବାରୁ ମହାନଦୀ ମୁହାଣ ପର୍ଯ୍ୟନ୍ତ ଭାସି ଯାଇଥିବା ଆଶଙ୍କା ପ୍ରକାଶ ପାଇଛି। ନିଖୋଜ ମତ୍ସ୍ୟଜୀବୀଙ୍କୁ ଖୋଜା ଚାଲିଥିବା ମା' ରାମଚଣ୍ଡୀ ବୋଟ୍ ମାଲିକ ସଂଘ ଉପ ସଭାପତି ଭକ୍ତ ରଞ୍ଜନ ମାହାଳି କହିଛନ୍ତି।



ଖରିନାସୀ–ଟୁଁବି ଫେରିଘାଟ ପାଖରେ ନିଖୋଜ ମତ୍ସ୍ୟଜୀବୀଙ୍କୁ ଖୋଜାଖୋଜି ଚାଲିଛି।

### ସାଧୁ କାଶୀ ଦାସ ବାବା ତ୍ୟାଗୀଙ୍କ ଦେହାନ୍ତ

**ଡେରାବିଶ, ୨୧।୧(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅନ୍ତର୍ଗତ ଅଳବାଙ୍କଠାରେ ଆଶ୍ରମ ପ୍ରତିଷ୍ଠା କରିଥିବା ସାଧୁ କାଶୀଦାସ ବାବା ତ୍ୟାଗୀ(୫୮)ଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ହେବ ମଧୁମେହ ରୋଗରେ ପୀଡିତ ହୋଇ ବାବା ଚିକିତ୍ସିତ ହେଉଥିଲେ। ତେବେ ଗୁରୁବାର ରାତିରେ ବାବାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହୋଇପଡିବା ଦେଖି ଆଶ୍ରମ ଅନ୍ତେବାସୀ ତାଙ୍କୁ ଚିକିତ୍ସା ନିମନ୍ତେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏକ ଶୋକାକୁଳ ପରିବେଶ ମଧ୍ୟରେ ବହୁ ଶିଷ୍ୟ ଓ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ଶୁକ୍ରବାର ପ୍ରାତଃରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବୃନ୍ଦାବନରେ ଦୀର୍ଘବର୍ଷ ସାଧନା କରିବା ପରେ ସାଧୁ କାଶୀବାବା ଅଳବାଙ୍କଠାରେ ନିଜ ଆଶ୍ରମ ପ୍ରତିଷ୍ଠା କରି ଲୋକମାନଙ୍କ ମଧ୍ୟରେ ଧର୍ମୀୟ ଭାବଧାରା ସୃଷ୍ଟି କରି ଚାଲିଥିଲେ। ଜଣେ ଜ୍ୟୋତିର୍ବିଦ ଭାବେ କେବଳ କେନ୍ଦ୍ରାପଡ଼ା ନୁହେଁ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସେ ପରିଚିତ ଥିଲେ। ତେବେ ତାଙ୍କ ବିୟୋଗ ଅଞ୍ଚଳବାସୀ ଓ ଭକ୍ତମାନଙ୍କ ମଧ୍ୟରେ ଶୋକର ଛାୟା ଖେଳାଇ ଦେଇଛି।

## ୫ ଦିନରେ ୧୦,୫୮୭ ନାମାଙ୍କନ

**କେନ୍ଦ୍ରାପଡ଼ା ଅଫିସ, ୨୧।୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଜିଲାରେ ୫ ଦିନରେ ମୋଟ ୧୦,୫୮୭ ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ଜିଲା ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଶୁକ୍ରବାର ଜଣାପଡିଛି। ଜିଲାରେ ୯ ବ୍ଲକ ଅଞ୍ଚଳରେ ୱାର୍ଡ ମେମ୍ବର ପାଇଁ ୮୧୬୬ ଜଣ, ସରପଞ୍ଚ ପାଇଁ ୧୨୮୫ ଜଣ, ସମିତିସଭ୍ୟ ପାଇଁ ୯୯୪ ଜଣ, ଜିଲା ପରିଷଦ ସଭ୍ୟ ପାଇଁ ୧୪୨ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଶନିବାର ପ୍ରାର୍ଥୀପତ୍ରଗୁଡିକ ଯାଞ୍ଚ କରାଯିବ। ଏଥିରେ ଯଦି ପ୍ରାର୍ଥୀଙ୍କ ଉପଯୁକ୍ତ ତଥ୍ୟ ଓ କାଗଜପତ୍ରରେ କୌଣସି ତ୍ରୁଟି ପରିଲକ୍ଷିତ ହେବ ସେମାନଙ୍କୁ ବାଦ୍ ଦିଆଯିବ। ଆସନ୍ତା ୨୫ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଦିନ ଥିବାରୁ ଏହିଦିନ କେତେଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିବେ ତାହା ସ୍ପଷ୍ଟ ହେବ। ତେବେ ନିର୍ବାଚନ ମଇଦାନରେ ମୁଖ୍ୟତଃ ଜିଲା ପରିଷଦ ସଭ୍ୟ ପଦ ପାଇଁ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ କଡା ଟକ୍କର ହେବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତବ୍ୟକ୍ତ କରିଛନ୍ତି।

# ଶେଷ ଦିନରେ ୩୩୫୯ ପ୍ରାର୍ଥୀପତ୍ର ଦାଖଲ

**କେନ୍ଦ୍ରାପଡ଼ା ଜିଲା**

**ପ୍ରାର୍ଥୀପତ୍ର ପ୍ରତ୍ୟାହାରକୁ ଅପେକ୍ଷା**

**କେନ୍ଦ୍ରାପଡ଼ା ଅଫିସ, ୨୧।୧**



କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବାଘମାରୀ ପଞ୍ଚାୟତରେ ୬୬ ବର୍ଷୀୟା ଭବାନୀ ପାତ୍ର ସରପଞ୍ଚ ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ମଙ୍ଗଳବାରଠାରୁ ମନୋନୟନ ପତ୍ର ଦାଖଲ ଆରମ୍ଭ ହୋଇଥିଲା। ଶୁକ୍ରବାର ଶେଷ ଦିନରେ ୩୩୫୯ ଜଣ ପ୍ରାର୍ଥୀପତ୍ର ଦାଖଲ ହୋଇଛି। ଆସନ୍ତା ୨୨ରେ ଏହି ପ୍ରାର୍ଥୀପତ୍ରଗୁଡିକ ଯାଞ୍ଚ ହେବ। ଏଥିସହ ଆସନ୍ତା ୨୫ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ସମୟସୀମା ଧାର୍ଯ୍ୟ ହୋଇଥିବା ବେଳେ ସନ୍ଧ୍ୟାରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

ଅପରାହ୍ନ ୩ଟା ସୁଦ୍ଧା ୩୨ଟି ଜିଲା ପରିଷଦ ସଭ୍ୟ ପଦ ପାଇଁ ୮୯ ଜଣ ପ୍ରାର୍ଥୀ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଶେଷଦିନରେ ଆଳି ବ୍ଲକ ଅଞ୍ଚଳର ୪ ଜୋନ୍ ପାଇଁ ୬ଜଣ, କେନ୍ଦ୍ରାପଡ଼ାର ୪ ଜୋନ୍ ପାଇଁ ୧୨ଜଣ, ଗରଦପୁରର ୩ ଜୋନ୍ ପାଇଁ ୧୨ଜଣ, ଡେରାବିଶର ୩ ଜୋନ୍ ପାଇଁ ୧୦ଜଣ, ପଟ୍ଟାମୁଣ୍ଡାଇର ୪ ଜୋନ୍ ପାଇଁ ୧୧ଜଣ, ମହାକାଳପଡ଼ାର ୫ ଜୋନ୍ ପାଇଁ ୧୩ ଜଣ, ମାର୍ଶାଘାଇର ୩ ଜୋନ୍ ପାଇଁ ୧୧ଜଣ, ରାଜକନିକାର ୩ ଜୋନ୍ ପାଇଁ ୫ଜଣ ଓ ରାଜନଗର ବ୍ଲକ ଅଞ୍ଚଳର ୩ ଜୋନ୍ ପାଇଁ ୯ଜଣ ପ୍ରାର୍ଥୀପତ୍ର ଦାଖଲ କରଛନ୍ତି। ଏଥିସହ ଜିଲାର ୯ ବ୍ଲକ ଅଞ୍ଚଳରେ ସମିତି ସଭ୍ୟ, ସରପଞ୍ଚ ଓ ୱାର୍ଡ ସଭ୍ୟ ପଦବୀ ପାଇଁ ମନୋନୟନ ପତ୍ର ବିଭିନ୍ନ କାର୍ଯ୍ୟାଳୟରେ ଦାଖଲ ହୋଇଛି। ଡିପିଓ ସନ୍ତୋଷ କୁମାର ସାହୁଙ୍କ ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରେ ୨୮୦ ଜଣ ୱାର୍ଡ ସଭ୍ୟ, ୩୭ ଜଣ ସମିତିସଭ୍ୟ ଓ ୪୫ଜଣ ସରପଞ୍ଚ ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ ହୋଇଛି। ସେହିପରି ଡେରାବିଶ ବ୍ଲକରେ ୨୬୨ଟି ୱାର୍ଡ ସଭ୍ୟ, ୩୯ଟି ସମିତିସଭ୍ୟ ଓ ୩୭ଟି ସରପଞ୍ଚ, ପଟ୍ଟାମୁଣ୍ଡାଇ ବ୍ଲକରେ ୧୯୦ ଜଣ ୱାର୍ଡ ସଭ୍ୟ, ୪୩ ଜଣ ସମିତିସଭ୍ୟ ଓ ୭୦ ଜଣ ସରପଞ୍ଚ, ଗରଦପୁର ବ୍ଲକରେ ୨୦୬ ଜଣ ୱାର୍ଡ ସଭ୍ୟ, ୩୦ ସମିତିସଭ୍ୟ ଓ ୩୯ ସରପଞ୍ଚ, ମାର୍ଶାଘାଇ ବ୍ଲକରେ ୧୮୪ ୱାର୍ଡ ସଭ୍ୟ, ୩୪ ସମିତିସଭ୍ୟ ଓ ୩୪ଜଣ ସରପଞ୍ଚ ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏଥିସହ ଆଳି ବ୍ଲକ ଅଞ୍ଚଳରେ ୩୧୩ ୱାର୍ଡ ସଭ୍ୟ, ୪୦ଜଣ ସମିତିସଭ୍ୟ ଓ ୬୮ଜଣ ସରପଞ୍ଚ, ମହାକାଳପଡ଼ା ବ୍ଲକରେ ୩୯୪ଜଣ ୱାର୍ଡ ସଭ୍ୟ, ୪୨ଜଣ ସମିତିସଭ୍ୟ ଓ ୬୩ ଜଣ ସରପଞ୍ଚ, ରାଜନଗରରେ ୩୬୫ ଜଣ ୱାର୍ଡ ସଭ୍ୟ, ୬୭ ଜଣ ସମିତିସଭ୍ୟ ଓ ୪୭ ଜଣ ସରପଞ୍ଚ ଓ ରାଜକନିକାରେ ୨୪୭ଜଣ ୱାର୍ଡ ସଭ୍ୟ, ୩୬ ଜଣ ସମିତିସଭ୍ୟ ଓ ୫୮ଜଣ ସରପଞ୍ଚ ପଦ ପାଇଁ ଆଶାୟୀ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଉପଜିଲାପାଳ ନିରଞ୍ଜନ ବେହେରାଙ୍କ ସୂଚନା ଅନୁଯାୟୀ ଚଳିତ ନିର୍ବାଚନରେ କୋଭିଡ୍ କଟକଣାକୁ ଗୁରୁତ୍ୱ ଦିଆଯାଇଛି।

# ୩୭୩୪ ଜଣଙ୍କ ନାମାଙ୍କନ

**ଜଗତ୍‌ସିଂହପୁର ଅଫିସ, ୨୧।୧**

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**

ଜଗତ୍‌ସିଂହପୁର ଜିଲାରେ ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡ ସଭ୍ୟ ପଦବୀ ପାଇଁ ଶୁକ୍ରବାର ନାମାଙ୍କନପତ୍ର ଦାଖଲର ଅନ୍ତିମ ଦିନରେ ୩୭୩୪ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ସରପଞ୍ଚରେ ୫୦୦, ସମିତି ସଭ୍ୟ ୪୨୦ ଏବଂ ୱାର୍ଡ ସଭ୍ୟ ପାଇଁ ୨୮୧୪ ଜଣ ପ୍ରାର୍ଥୀ ରହିଛନ୍ତି। ଏନେଇ ଜିଲାର ବିଭିନ୍ନ ବ୍ଲକ, ପଞ୍ଚାୟତ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଭିଡ ପରିଲକ୍ଷିତ ହୋଇଥିଲା। କିଛି ସ୍ଥାନରେ କୋଭିଡ୍–୧୯ ନିୟମ ଫିକା ପଡିଯାଇଥିଲା । ଉପରୋକ୍ତ ପଦବୀ ନିର୍ଦ୍ଦଳୀୟ ହୋଇଥିଲେ ସୁଦ୍ଧା ଏକାଧିକ ସ୍ଥାନରେ ଦଳୀୟ ପତାକା ସହ ଆଶାୟୀମାନେ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡିଛି।

ସରପଞ୍ଚ ପଦବୀ ନିମନ୍ତେ ଏରସମା ବ୍ଲକରୁ ୮୨, ବାଲିକୁଦା ୧୦୪, ନାଉଗାଁ ୫୧, ଜଗତ୍‌ସିଂହପୁର ୬୯, ରଘୁନାଥପୁର ୫୫, ବିରିଡ଼ି ୩୭, ତିର୍ତ୍ତୋଲ ୪୬ ଓ କୁଜଙ୍ଗ ବ୍ଲକରୁ ୫୬ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହାକୁ ମିଶାଇ ଜିଲାର ୧୯୮ ପଞ୍ଚାୟତରେ ମୋଟରେ ୯୪୬ ଜଣ ସରପଞ୍ଚ ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସମିତି ସଭ୍ୟ ପଦବୀ ପାଇଁ ଏରସମା ୬୨, ବାଲିକୁଦା ୮୫, ନାଉଗାଁ ୪୦, ଜଗତ୍‌ସିଂହପୁର ୬୪, ରଘୁନାଥପୁର ୪୪, ବିରିଡ଼ି ୨୭, ତିର୍ତ୍ତୋଲ ୫୦ ଓ କୁଜଙ୍ଗ ବ୍ଲକ ଅଞ୍ଚଳରେ ୪୮ ଜଣ ରହିଛନ୍ତି। ଏହାକୁ ମିଶାଇ ଜିଲାରେ ସମିତି ସଭ୍ୟ ପଦବୀ ପାଇଁ ୭୫୮ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଏଠାରେ ମୋଟ ୧୯୮ପଦବୀ ରହିଛି। ସେହିପରି ଓାର୍ଡସଭ୍ୟ ପାଇଁ ଏରସମା ବ୍ଲକରୁ ୪୩୯, ବାଲିକୁଦା ୫୪୩, ନାଉଗାଁ ୨୭୮, ଜଗତ୍‌ସିଂହପୁର ୪୩, ରଘୁନାଥପୁର ୧୮୯, ବିରିଡ଼ି ୨୨୨, ତିର୍ତ୍ତୋଲ ୩୯୭ ଓ କୁଜଙ୍ଗ ବ୍ଲକର ୩୦୮ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏଠାରେ ମୋଟ ୩୩୬୪ ୱାର୍ଡସଭ୍ୟ ପଦବୀ ଥିବାବେଳେ ମୋଟ ୬୨୮୭ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଉପରୋକ୍ତ ସମସ୍ତ ପଦବୀ ନିମନ୍ତେ ଜିଲାରେ ମୋଟ ୭୯୯୧ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ବୋଲି ଜିଲା ପଞ୍ଚାୟତ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

# ନାମାଙ୍କନ ଦାଖଲ କଲେ ୪୪୪୧ ପ୍ରାର୍ଥୀ

## ୱାର୍ଡସଭ୍ୟ, ସରପଞ୍ଚ ଓ ସମିତିସଭ୍ୟ ନିର୍ବାଚନ



ବରୀ ବ୍ଲକ ଅଧୀନ ବରୀ ପଞ୍ଚାୟତର ସମିତି ସଭ୍ୟ ପ୍ରାର୍ଥୀ ସଞ୍ଜୀବ ଜେନା ନାମାଙ୍କନ ଦାଖଲ କରିବାକୁ ଯାଉଛନ୍ତି।

**ଯାଜପୁର ଟାଉନ,୨୧।୧ (ଡି.ଏନ.ଏ.)**

ତ୍ରିସ୍ତରୀୟ ନିର୍ବାଚନ ପାଇଁ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ ଶେଷ ହୋଇଛି। ଉକ୍ତ ଦିନରେ ଯାଜପୁର ଜିଲାରେ ୱାର୍ଡ ସଭ୍ୟ ପାଇଁ ୩୧୨୧, ସରପଞ୍ଚ ପାଇଁ ୭୩୬ ଓ ସମିତିସଭ୍ୟ ପାଇଁ ୫୪୮ ଏପରି ମୋଟ୍ ୪୪୪୧ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀପତ୍ର ଦାଖଲ କରିଥିବା ୱାର୍ଡ ସଭ୍ୟ, ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀଙ୍କ ତାଲିକା ଏଠାରେ ବ୍ଲକ ଆକାରରେ ଉଲ୍ଲେଖ କରାଯାଇଛି।

| ବ୍ଲକ୍ | ୱାର୍ଡ ସଭ୍ୟ | ସରପଞ୍ଚ | ସମିତିସଭ୍ୟ |
|---|---|---|---|
| ବଡଚଣା | ୪୬୪ | ୧୨୭ | ୮୯ |
| ବରୀ | ୨୪୨ | ୫୩ | ୪୨ |
| ବିଞ୍ଝାରପୁର | ୨୦୪ | ୫୩ | ୩୬ |
| ଦାନଗଦୀ | ୩୬୯ | ୬୧ | ୪୦ |
| ଦଶରଥପୁର | ୨୫୫ | ୭୭ | ୬୦ |
| ଧର୍ମଶାଳା | ୩୪୭ | ୭୭ | ୫୭ |
| ଯାଜପୁର | ୨୯୩ | ୬୭ | ୪୩ |
| କୋରେଇ | ୩୦୪ | ୭୫ | ୭୨ |
| ରସୁଲପୁର | ୩୭୩ | ୯୪ | ୬୯ |
| ସୁକିନ୍ଦା | ୨୭୦ | ୫୨ | ୪୦ |
| ମୋଟ | ୩୧୨୧ | ୭୩୬ | ୫୪୮ |

## ଶେଷଦିନରେ ପ୍ରମୁଖ ପ୍ରାର୍ଥୀ ଭରିଲେ ନାମାଙ୍କନ

**ଧର୍ମଶାଳା,୨୧।୧(ଡି.ଏନ.ଏ.)**



କୁମାରୀ ପଞ୍ଚାୟତ ସମିତିସଭ୍ୟ ପ୍ରାର୍ଥୀ ଭାବେ ଧର୍ମଶାଳା ବ୍ଲକ ଅଧକ୍ଷ ନାମାଙ୍କନ ଦାଖଲ କରୁଛନ୍ତି।

ନାମାଙ୍କନ ଦାଖଲର ଶୁକ୍ରବାର ଶେଷ ଦିନରେ ଧର୍ମଶାଳା ବ୍ଲକର ବହୁ ପ୍ରମୁଖ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ଗତ ପଞ୍ଚାୟତ ନିର୍ବାଚନରେ ଭବାନୀପୁରରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ବ୍ଲକ ଅଧ୍ୟକ୍ଷ ହୋଇଥିବା ପ୍ରଭାତ ବଳବନ୍ତରାୟ ରହିଛନ୍ତି। ସେ ଚଳିତଥର କୁମାରୀ ପଞ୍ଚାୟତରୁ ସମିତିସଭ୍ୟ ହେବାକୁ ଶୁକ୍ରବାର ବ୍ଲକରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି କୁମାରୀ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଭାବେ କବିତା ବେହେରା ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏଥି ପୂର୍ବରୁ ସେ ଏହି ପଞ୍ଚାୟତର ଉପନିର୍ବାଚନରେ ନିର୍ବାଚିତ ହୋଇ ସରପଞ୍ଚ ଭାବେ କାର୍ଯ୍ୟ ତୁଲାଉଥିଲେ। ସେହିପରି ଉତ୍ତରପ୍ରତାପ ପଞ୍ଚାୟତର ସମିତି ସଭ୍ୟା ପ୍ରାର୍ଥୀ ଭାବେ କ୍ଷୀରାବ୍ଧି ତନୟା ମଲିକ, ଗଙ୍ଗାଧରପୁର ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଦେବାଶିଷ ପରିଡ଼ା ଓ ଅଭୟପୁର ସରପଞ୍ଚ ପ୍ରାର୍ଥୀ ସ୍ନେହାଞ୍ଜଳି ଗନ୍ତାୟତ ପ୍ରମୁଖ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଆରୁହା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଭାବେ ବନପ୍ରଭା ବଳ ନାମାଙ୍କପତ୍ର ଦାଖଲ କରିଛନ୍ତି। ଏହି ପଞ୍ଚାୟତରୁ ସରପଞ୍ଚ ପଦ ପାଇଁ ବନପ୍ରଭା ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବାରୁ ଯାଞ୍ଚରେ ଠିକ ରହିଲେ ତାଙ୍କୁ ଅପ୍ରତିଦ୍ୱନ୍ଦ୍ୱୀ ସରପଞ୍ଚ ଭାବେ ଘୋଷଣା କରାଯିବ ବୋଲି ବିଡିଓ ତଥା ନିର୍ବାଚନ ଅଧିକାରୀ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଜିଲା ପରିଷଦ ସଭ୍ୟ ପାଇଁ ୩ ପ୍ରମୁଖ ଦଳରୁ ପ୍ରାର୍ଥୀପତ୍ର ଦାଖଲ

**ଚଣ୍ଡିଖୋଲ,୨୧।୧(ଡି.ଏନ.ଏ.):** ବଡ଼ଚଣା ବ୍ଲକର ୫ଟି ଜିଲା ପରିଷଦ ଜୋନ ପାଇଁ ଶୁକ୍ରବାର ଶେଷ ହୋଇଛି ପ୍ରାର୍ଥୀପତ୍ର ଦାଖଲ। ଏହି ବ୍ଲକର ୧୬ନଂ ଜୋନ ପାଇଁ ବିଜେଡି ପକ୍ଷରୁ ଯତୀନ୍ଦ୍ର ପ୍ରସାଦ ନାୟକ, କଂଗ୍ରେସର ପ୍ରଦୀପ ମହାନ୍ତି ଓ ଭାଜପାର ପବିତ୍ର ରାଉତ ପ୍ରାର୍ଥୀପତ୍ର ଦାଖ କରିଛନ୍ତି। ସେହିଭଳି ୧୭ ନମ୍ବର ପାଇଁ ବିଜେଡି ଗଣେଶ୍ୱର ବରାଳ, କଂଗ୍ରେସର ଉମେଶ ଚନ୍ଦ୍ର ଜେନା ଓ ଭାଜପାର ପ୍ରୀତମ କୁମାର ନାୟକ, ୧୮ ଜୋନ ପାଇଁ ଭାଜପାର ସସ୍ମିତା ମହାନ୍ତି, କଂଗ୍ରେସର ମଇନା ରାୟ ଓ ଭାଜପାର ଦେବଜାନୀ ପ୍ରଧାନ, ୧୯ ନଂ. ପାଇଁ ବିଜେଡିର ଅରବିନ୍ଦ ସାମଲ, କଂଗ୍ରେସର ଶ୍ରୀକାନ୍ତ ମଲିକ, ଭାଜପାର କିଶୋର ଚନ୍ଦ୍ର ରାଉତ ଓ ୨୦ ଜୋନ ପାଇଁ ବିଜେଡିର ଜୟଶ୍ରୀ ସାମଲ, କଂଗ୍ରେସର ସୁଜାତା ଦାସ ଓ ଭାଜପାର ସୁପ୍ରଭାସିନୀ ମଲିକ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

### ୩ ମହଲା କୋଠାରୁ ଖସି ଶ୍ରମିକ ମୃତ

**ସାଲେପୁର,୨୧।୧(ଡି. ଏନ.ଏ.):** କଟକ ଜିଲା ସାଲେପୁର ଥାନା ଅଧୀନ ସରସତୀ ଶିଶୁ ମନ୍ଦିର ରୋଡରେ ଥିବା ଏକ ୩ ମହଲା କୋଠାରୁ ଖସି ଶୁକ୍ରବାର ଜଣେ ନିର୍ମାଣାଧୀନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କିଶନନଗର ଥାନା ମୁର୍କୁଣ୍ଡି ଗ୍ରାମର କାଳନ୍ଦୀ ମହାରଣା ( ୪୮)। ସେ ଉକ୍ତ କୋଠା ଘରର ଉପର ମହଲାରେ ନିର୍ମାଣ କାର୍ଯ୍ୟ କରୁଥିଲେ। କୌଣସି କାରଣରୁ ତଳକୁ ଖସିପଡ଼ି ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ କାଳନ୍ଦୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ କିଶନନଗର ପୋଲିସ ମୃତଦେହ ଜବତ କରି ଅପମୃତ ମାମଲା (ନଂ. ୧/୨୨) ରୁଜୁ କରିଛି।

### ସରିଲା ନାମାଙ୍କନ, ଆଜି ଯାଞ୍ଚ

**ବାଲିକୁଦା, ୨୧।୧(ସ୍ୱପ୍ର.):** ଶେଷ ହୋଇଛି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବାଲିକୁଦା ବ୍ଲକର ନାମାଙ୍କନ ପ୍ରକ୍ରିୟା। ୩୦ ପଞ୍ଚାୟତରୁ ସରପଞ୍ଚ ଭାବେ ୧୦୪ ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ୮୭ ଜଣ ସମିତିସଭ୍ୟ ପଦବୀ ପାଇଁ ଓ ୫୪୩ ଜଣ ୱାର୍ଡସଭ୍ୟ ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଥି ପାଇଁ ବ୍ଲକ କାର୍ଯ୍ୟାଳୟ ସମେତ ପଞ୍ଚାୟତ କାର୍ଯ୍ୟାଳୟ ଗୁଡ଼ିକରେ ଭିଡ଼ ପରିଲକ୍ଷିତ ହୋଇଥିଲା। କୋଭିଡ୍ ନିୟମକୁ କେହି ହେଲେ ମାନିବାକୁ ପ୍ରସ୍ତୁତ ନଥିବା ଭଳି ମନେ ହେଉଥିଲା। ୱାର୍ଡସଭ୍ୟ ପ୍ରାର୍ଥୀ ଭାବେ ୯୮୩ ଜଣ, ସରପଞ୍ଚ ପ୍ରାର୍ଥୀ ଭାବେ ୧୪୧ ଜଣ ଓ ସମିତିସଭ୍ୟ ପ୍ରାର୍ଥୀ ଭାବେ ୧୨୨ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶନିବାର ସମସ୍ତ ପ୍ରାର୍ଥୀପତ୍ର ଯାଞ୍ଚ ହେବ।

### ଧାନମଣ୍ଡି ଉଦ୍ଘାଟିତ

**ବାଲିପାଟଣା,୨୧।୧(ଡି.ଏନ୍.ଏ.):** ବାଲିପାଟଣା ବ୍ଲକ ଅନ୍ତର୍ଗତ ଗାରେଡ଼ିପାଞ୍ଚଣ ଓ ଗିରିଙ୍ଗ ସେବା ସମବାୟ ସମିତିରେ ଶୁକ୍ରବାର ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ପ୍ରଥମ ଦିନରେ ୩୯ଜଣ ଚାଷୀଙ୍କ ଠାରୁ ୭୮୩କୁଇଣ୍ଟାଲ ଧାନ କିଣା ହୋଇଥିବା ଜଣାପଡ଼ିଛି।

## ସମିତିସଭ୍ୟ ପାଇଁ ପ୍ରାର୍ଥୀପତ୍ର ଦାଖଲ କଲେ ପୂର୍ବତନ ବ୍ଲକ ଅଧକ୍ଷା



**ଚଣ୍ଡିଖୋଲ,୨୧।୧(ଡି.ଏନ.ଏ.)**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତର ସମିତିସଭ୍ୟ ପଦବୀ ପାଇଁ ଶୁକ୍ରବାର ଇତିଶ୍ରୀ ସାମଲ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଇତିଶ୍ରୀ ୨୦୦୭ରୁ ୨୦୧୨ ଯାଏ ଏହି ପଞ୍ଚାୟତର ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ବଡ଼ଚଣା ପଞ୍ଚାୟତ ସମିତିର ଅଧକ୍ଷା ପଦ ହାତେଇଥିଲେ। ସେହିପରି ୨୦୧୨ରୁ ୨୦୨୨ ଯାଏ ଦୁଇଦୁଇ ଥର ୧୯ ନଂ. ଜୋନ୍‌ରୁ ଜିଲା ପରିଷଦସଭ୍ୟ ଭାବେ ନିର୍ବାଚିତ ହୋଇ କାର୍ଯ୍ୟ କରି ଆସୁଛନ୍ତି। ତେବେ ଚଳିତ ଥର ବଡ଼ଚଣା ପଞ୍ଚାୟତ ସମିତି ଅଧକ୍ଷା ପଦ ମହିଳାଙ୍କ ନିମନ୍ତେ ସଂରକ୍ଷିତ ଥିବାରୁ ସେ ଏହି ପଦ ପାଇଁ ଆଶାୟୀ ଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ସେ କୁହନ୍ତି, ଦଳ ଯାହା ନିଷ୍ପତ୍ତି ନେବ ମୁଁ ତାହକୁ ମାନିନେବି। ସେଭଳି କୌଣସି ଆଶା ରଖି ନିର୍ବାଚନ ଲଢୁନାହିଁ। ଦୀର୍ଘ ବର୍ଷ ଧରି ରାଜନୀତିରେ ରହିଥିବା ହେତୁ ଦଳ ମୋତେ ଯେଉଁ ଦାୟିତ୍ୱ ଦେଇଛି ତାହାକୁ ମୁଁ ପାଳନ କରୁଛି।

## ଜିଲା ପରିଷଦ ସଭ୍ୟ ପାଇଁ ୧୫୫ ପ୍ରାର୍ଥୀପତ୍ର ଦାଖଲ

### ଶେଷ ଦିନରେ ପ୍ରାର୍ଥୀପତ୍ର ଦାଖଲ କଲେ ୭୫ ପ୍ରାର୍ଥୀ

**ଯାଜପୁର ଟାଉନ,୨୧।୧ଡି.ଏନ.ଏ.)**

ଯାଜପୁର ଜିଲା ପରିଷଦ ସଭ୍ୟ ପାଇଁ ବିଭିନ୍ନ ଦଳରୁ ୧୫୫ ଜଣ ଜିଲା ନିର୍ବାଚନ କମିଶନ୍ ତଥା ଉପଜିଲାପାଳଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୧୭ ତାରିଖରୁ ଆରମ୍ଭ ହୋଇଥିବା ଜିଲାପରିଷଦ ସଭ୍ୟ ପାଇଁ ନାମାଙ୍କନପତ୍ର ୨୧ ତାରିଖରେ ସମାପ୍ତ ହୋଇଛି। ୩୯ଟି ଜୋନ୍ ପାଇଁ ନିର୍ବାଚନ ହେବାକୁଥିବା ବେଳେ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ସମସ୍ତ ଆସନରେ ପ୍ରାର୍ଥୀ ଦିଆଯାଇଛି। ଅନ୍ୟ ଦଳମାନେ କେତେକ ଆସନରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। କୋଭିଡ୍ କଟକଣା ମାନି ପ୍ରାର୍ଥୀ/ପ୍ରାର୍ଥିନୀ ନାମାଙ୍କନପତ୍ର ଦାଖଲ କରିଛନ୍ତି।

## ଯାଜପୁରରେ ପଞ୍ଚାୟତ ନିର୍ବାଚନ ପର୍ଯ୍ୟବେକ୍ଷକ

**ଯାଜପୁର ଅଫିସ,୨୧।୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନ ବ୍ୟବସ୍ଥା କରିଛନ୍ତି। ଏହିକ୍ରମରେ ଯାଜପୁର ଜିଲାରେ ନିର୍ବାଚନ ପର୍ଯ୍ୟବେକ୍ଷଣ ପାଇଁ ପର୍ଯ୍ୟବେକ୍ଷକ ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ପ୍ରତାପ କୁମାର ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି । ଶୁକ୍ରବାର ପର୍ଯ୍ୟବେକ୍ଷକ ମିଶ୍ର ଜିଲାରେ ପହଞ୍ଚିବା ପରେ ଉପଜିଲାପାଳ ଶରତଚନ୍ଦ୍ର ମହାପାତ୍ରଙ୍କ ପ୍ରକୋଷ୍ଠକୁ ଯାଇ ନାମାଙ୍କନପତ୍ର ଦାଖଲ ବ୍ୟବସ୍ଥାକୁ ଅନୁଧ୍ୟାନ କରିଥିଲେ । ଉପଜିଲାପାଳ ମହାପାତ୍ର ପର୍ଯ୍ୟବେକ୍ଷକ ମିଶ୍ରଙ୍କୁ ସ୍ୱାଗତ କରିବା ସହ ନାମାଙ୍କନପତ୍ର ଦାଖଲ ସମ୍ପର୍କରେ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। ଏହାବାଦ୍ ଗୁଣନିଧି ପରିଡ଼ାଙ୍କୁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ ନିର୍ବାଚନ କମିଶନ ନିଯୁକ୍ତି ଦେଇଛନ୍ତି ବୋଲି ଉପଜିଲାପାଳ ମହାପାତ୍ର ସୂଚନା ଦେଇଥିଲେ । ଏହାପରେ ପର୍ଯ୍ୟବେକ୍ଷକ ମିଶ୍ର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶ ଅଶୋକ କୁମାର ବେହୁରିଆଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ । ପର୍ଯ୍ୟବେକ୍ଷକଙ୍କ ଗସ୍ତ ସମୟରେ ଜିଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ଚିନ୍ମୟ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ବିରଜା ମାର୍କେଟ କମ୍ପ୍ଲେକ୍ସ ବଣିକ ସଂଘର ବନ୍ଧୁମିଳନ

**ଧର୍ମଶାଳା,୨୧।୧(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ ବିରଜା ମାର୍କେଟ କମ୍ପ୍ଲେକ୍ସ ବଣିକ ସଂଘର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଲୋକନାଥ ବୈଶାଖଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ପାଦକ ପୀତବାସ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅତିଥିଭାବେ ବଡ଼ବଜାର ବଣିକ ସଂଘ ସଭାପତି ଅମରେନ୍ଦ୍ର ରାଉତ, ସମ୍ପାଦକ ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି, ମେନ୍‌ମାର୍କେଟ୍ ବଣିକ ସଂଘ ସଭାପତି ଅଶୋକ ସାହୁ, ସମ୍ପାଦକ ଅଶୋକ ବରା ଓ ବ୍ୟବସାୟୀ ରାମଚନ୍ଦ୍ର ମଲିକ ପ୍ରମୁଖ ଯୋଗଦେଇ ବ୍ୟବସାୟୀଙ୍କ ମଧ୍ୟରେ ଏକତା ଓ ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ନକୁଳ ସାହୁ, ଅଶୋକ ବାରିକ, ଭାଗବତ ମହାରଣା, କୁଳମଣି ପରିଡ଼ା ଓ ଦିବାକର ରାଉତ ପ୍ରମୁଖ ବ୍ୟବସାୟୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ବ୍ୟବସାୟୀ କୃଷ୍ଣଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ଗାଁ ମୁରବିଙ୍କ ପରଲୋକ

**ଧର୍ମଶାଳା,୨୧।୧(ଡି.ଏନ.ଏ.):**

ଧର୍ମଶାଳା ବ୍ଲକ କୁମାରୀ ଶୈଳବିହାର ଗ୍ରାମର ମୁରବୀ ବହୁ ତଥା ଅନୁଷ୍ଠାନର ପ୍ରତିଷ୍ଠାତା ସୁଦର୍ଶନ ଶତପଥୀଙ୍କ ୮୬ ବର୍ଷ ବୟସରେ ଗୁରୁବାର ରାତିରେ ପରଲୋକ ହୋଇଛି। ସ୍ୱର୍ଗତ ଶତପଥୀ ଧର୍ମଶାଳା ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ପ୍ରତିଷ୍ଠାତା ସଭାପତି, କୁମାରୀ ମା' ମଙ୍ଗଳା ମନ୍ଦିରର ପ୍ରତିଷ୍ଠାତା, କମାଗଡ଼ ପ୍ରସିଦ୍ଧ ହିଙ୍ଗୁଳା ଯାତ୍ରା ଓ ଯଜ୍ଞର ପ୍ରତିଷ୍ଠାତା, ଅଣ୍ଡିଆ ହାଇସ୍କୁଲର ପ୍ରତିଷ୍ଠାତା ସମ୍ପାଦକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଶତପଥୀଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ତାଙ୍କ ଜନ୍ମସ୍ଥାନ କମାଗଡ଼ ପଞ୍ଚାୟତ ବେତମାଳି ଶାସନ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ ସମ୍ପନ୍ନ କରାଯାଇଛି। ବଡ଼ପୁଅ ପ୍ରମୋଦ ମୁଖାଗ୍ନି ଦେଇଥିଲେ।

## ବଡ଼ଚଣାରେ ୧୮୪୬ ନାମାଙ୍କନ ଦାଖଲ

**ଚଣ୍ଡିଖୋଲ,୨୧।୧(ଡି.ଏନ.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଶୁକ୍ରବାର ଥିଲା ନାମାଙ୍କନପତ୍ର ଦାଖଲର ଶେଷ ଦିନ। ଉକ୍ତ ଦିନରେ ବଡଚଣା ବ୍ଲକର ବିଭିନ୍ନ ପଞ୍ଚାୟତ ୱାର୍ଡସଭ୍ୟ ପାଇଁ ୪୫୬ ଜଣ, ସରପଞ୍ଚ ପଦବୀ ପାଇଁ ୧୨୮ ଓ ସମିତି ପାଇଁ ୮୯ ଜଣ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ଏହି ବ୍ଲକର ୪୩ ପଞ୍ଚାୟତ ଓ ୬୩୭ ୱାର୍ଡ ସଭ୍ୟ ପାଇଁ ମୋଟ ୧୩୪୭ ଜଣ, ୪୩ ସରପଞ୍ଚ ପଦବୀ ପାଇଁ ୨୮୦ ଜଣ ଓ ୪୩ ସମିତିସଭ୍ୟ ପଦ ପାଇଁ ୨୧୯ ଜଣ ସର୍ବମୋଟ ୧୮୪୬ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ବୋଲି ବ୍ଲକ ନିର୍ବାଚନ ଅଧିକାରୀ ଅଜିତ ନାରାୟଣ ଗିରି ସୂଚନା ଦେଇଛନ୍ତି। ଶନିବାର ପ୍ରାର୍ଥୀପତ୍ର ଯାଞ୍ଚ ପାଇଁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ୨୬ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯିବ। ଫେବୃଆରୀ ୧୮ରେ ଭୋଟ ଗ୍ରହଣ କରାଯିବ। ୧ ଲକ୍ଷ ୯୨ ହଜାର ୯୧୬ ମତଦାତା ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିବେ।

## ଖଣି ଅଞ୍ଚଳରେ ଚାଲିଛି ଚୋରା ମଦ ବେପାର

**କାଳିଆପାଣି,୨୧।୧(ଡି.ଏନ.ଏ.)**

କାଳିଆପାଣି ଖଣି ଅଞ୍ଚଳରେ ଏବେ ଚୋରା ଦେଶୀବିଦେଶୀ ମଦ ବିକ୍ରି ଚାଲିଛି। କାଳିଆପାଣି ଥାନା ଅନ୍ତର୍ଗତ ଗାଁସୋଳ ପଞ୍ଚାୟତର କଲରଙ୍ଗୀ ମୌଜାରେ ବିଦେଶୀ ମଦ ଦୋକାନ ରହିଥିବା ବେଳେ ସେଠାରୁ ୩ କି.ମି. ଦୂରରେ ଟାଟା ବଜାର ରହିଛି। ମାତ୍ର ମଦ ଦୋକାନରେ ଯେତିକି ମଦ ବିକ୍ରି ହେଉନି ଟାଟା ବଜାରରେ ଥିବା ଓମଫେଡ୍, ଗ୍ରୋସେରି ଓ ପାନ କ୍ୟାବିନଗୁଡ଼ିକରେ ତା'ଠାରୁ ଢେର ଅଧିକ ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଚଳିତବର୍ଷ ସରକାରୀ ବିଦେଶୀ ମଦଦୋକାନ ଟେଣ୍ଡର ପରେ ଜଣେ ନୂତନ ଠିକାଦାର ଟେଣ୍ଡର ହାତେଇଥିଲେ। ତେବେ ପୂର୍ବରୁ ରହିଥିବା ବଜାର ନିକଟ ଭୀମଟାଙ୍ଗର ଗ୍ରାମରେ ଦୋକାନ ଖୋଲି ପାରି ନ ଥିଲା। ୩ କିମି ଦୂର କଲରଙ୍ଗୀ ଗ୍ରାମ ନିକଟରେ ଦୋକାନ ଖୋଲିଛି। ବଜାରଠାରୁ ମଦ ଦୋକାନ ଦୂର ହୋଇଥିବାରୁ ଚୋରା ବେପାରୀଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ବଜାରର ପୂର୍ବ ସ୍ଥାନରେ ମଦଦୋକାନ ନ ଥିବାରୁ ଲୋକେ ଏହି ଚୋରା ବେପାରୀଙ୍କ ଉପରେ ନିର୍ଭର କରୁଥିବା ଦେଖାଯାଉଛି। ଦେଶୀ ମଦ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଓ ଭୁବନ ବ୍ଲକର ଖଣି ନିକଟବର୍ତ୍ତୀ ଗୋଡ଼ିସାହି, ଖରଖରୀ, ବାଦବେଣା, ମୁଚିଆପାଳ, କାଠପାଳ, ଦରଟୋଟା, ବରଗଜୀ ଓ ଅନଳ ପ୍ରମୁଖ ଗାଁରୁ ଆସୁଛି। ସେହିପରି ନକଲି ବିଦେଶୀ ମଦ ଭୁବନ ଅଞ୍ଚଳରୁ ଆସୁଛି। ପ୍ରତିଦିନ କଙ୍କଡାହାଡ଼ ବ୍ଲକର ମରୁଆବିଲ ରାସ୍ତା ଦେଇ ଖଣି ଅଞ୍ଚଳକୁ ଚୋରା ଦେଶୀ ମଦ ଆସୁଥିବା ବେଳେ ଭୁବନରୁ ଗୋଡ଼ାଛକ ଦେଇ ସିଧାସଳଖ ଖଣି ଅଞ୍ଚଳକୁ ନକଲି ମଦ ଆସୁଥିବା କେତେଜଣ ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ମିଳିଛି। ତେବେ ପୋଲିସ ପକ୍ଷରୁ ଅନେକ ସମୟରେ ଚଢାଉ ହେଉଥିଲେ ମଧ୍ୟ ଚୋରା ବେପାରୀ ବେପାର ବନ୍ଦ କରୁନାହାନ୍ତି। ଏନେଇ କାଳିଆପାଣି ଥାନା ଅଧିକାରୀ ସୁଶାନ୍ତ କୁମାର ଦାସଙ୍କ ମତ ନେବାରୁ ସେ କୁହନ୍ତି, ଆମେ ଖବର ପାଇଲେ ଚଢ଼ାଉ କରି ଚୋରା ବ୍ୟବସାୟୀଙ୍କୁ ଗିରଫ କରୁଛୁ। ଆଗାମୀ ଦିନରେ ଚଢ଼ାଉ ଜୋରଦାର କରାଯିବ।

## ଅଭିଯୁକ୍ତଙ୍କୁ ୧୪ ବର୍ଷ ଜେଲ, ଜରିମାନା

### ନାବାଳିକା ବଳାତ୍କାର ମାମଲା

**କଟକ ଅଫିସ,୨୧।୧**

ନାବାଳିକା ଅପହରଣ ଓ ବଳାତ୍କାର ମାମଲାରେ କଟକ ପୋକ୍ସୋ କୋର୍ଟ ଅଭିଯୁକ୍ତ ଆଲୋକ ଦେହୁରୀଙ୍କୁ ୧୪ ବର୍ଷ ଜେଲଦଣ୍ଡ ସହ ୧୦,୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ। ଏଥିସହ ପୀଡିତାଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ କଟକ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୨୦୧୬ ଫେବୃୟାରୀ ୧୨ ତାରିଖରେ କଟକ ଜିଲା ବଡମ୍ବା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଆଲୋକ ଅପହରଣ କରି ନେଇ ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ବାପା ବଡମ୍ବା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ସମସ୍ତ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ କୋର୍ଟ ଅଭିଯୁକ୍ତଙ୍କୁ ଦଣ୍ଡିତ କରିଛନ୍ତି। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ୮୭୭ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**କଳିଙ୍ଗନଗର,୨୧।୧(ଡି.ଏନ୍.ଏ.)**

ନାମାଙ୍କନ ପତ୍ର ଦାଖଲ ଅନ୍ତିମ ଦିବସ ଶୁକ୍ରବାର ସୁଦ୍ଧା ଦାନଗଦି ବ୍ଲକରେ ୮୭୭ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେଥିରୁ ୬୬୯ ୱାର୍ଡ ସଭ୍ୟ, ୧୨୬ ସରପଞ୍ଚ ଓ ୮୨ ସମିତି ସଭ୍ୟ ପ୍ରାର୍ଥୀ ଅଛନ୍ତି। ବାଙ୍ଗରକୋଟା ପଞ୍ଚାୟତରେ ୪ ଜଣ, ଦେଉଳକଣରେ ୬, ଗୋବର୍ଦ୍ଧନପୁରରେ ୫, ନଛିପୁରାରେ ୭, ଓସ୍ତପାଳରେ ୬, ଉଛବାଲିରେ ୩, କିଆଝରରେ ୪, ଚିତ୍ରିରେ ୩, ଓଲଳରେ ୪, ନଡ଼ିଆଭଙ୍ଗାରେ ୮, ଶାଳୀଜଙ୍ଗାରେ ୫, ରାଣୀପଡାରେ ୪, ଧୂଳିଗଡ଼ରେ୫, ରଣାଗୁଣ୍ଡିରେ ୬, ଚାନ୍ଦିଆରେ ୫, ଜଖପୁରାରେ ୩, ଖପୁରିଆପଦାରେ ୭, କୁମ୍ଭୀରଗାଡ଼ିଆରେ ୬, ତ୍ରିଜଙ୍ଗାରେ ୭, ରାଛିପୁରରେ ୬, ମଙ୍ଗଳପୁରରେ ୮, ମାଣତିରାରେ ୮ ଓ ପଙ୍କପାଳ ଗ୍ରାମରେ ୭ ସରପଞ୍ଚ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ବାଙ୍ଗରକୋଟାର ୩, ଦେଉଳକଣର୨, ଗୋବର୍ଦ୍ଧନପୁରର ୬, ନଛିପୁରାର ୩, ଓସ୍ତପାଳର ୨ , ଉଛବାଲିର ୩, କିଆଝରରେ ୩, ଚିତ୍ରିରେ ୪, ଓଲଳର ୩, ନଡ଼ିଆଭଙ୍ଗାର ୪, ଶାଳୀଜଙ୍ଗାର ୩, ରାଣୀପଡ଼ାର ୩, ଧୂଳିଗଡ଼ର ୪, ରଣାଗୁଣ୍ଡିର ୫, ଚାନ୍ଦିଆର ୩, ଜଖପୁରାର ୩, ଖପୁରିଆପଦାର ୩ , କୁମ୍ଭୀରଗାଡ଼ିଆର ୫, ତ୍ରିଜଙ୍ଗାର ୩, ରାଛିପୁରର୭, ମଙ୍ଗଳପୁରର୪, ମାଣତୀରାର ୩ ଓ ପଙ୍କପାଳ ଗ୍ରାମ ପଞ୍ଚାୟତର ୩ ସମିତି ସଭ୍ୟ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ୨୩ଟି ପଞ୍ଚାୟତରେ ମୋଟ ୬୬୯ ଜଣ ୱାର୍ଡ ସଭ୍ୟ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମଙ୍ଗଳପୁର, ମାଣତିରା ଓ ନଡ଼ିଆଭଙ୍ଗା ପଞ୍ଚାୟତରେ ୮ ସରପଞ୍ଚ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ରାଛିପୁରରେ ୭ ଓ ଗୋବର୍ଦ୍ଧନପୁର ପଞ୍ଚାୟତର ୫ଜଣ ସମିତିସଭ୍ୟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୮ ନମ୍ବର ଜିଲା ପରିଷଦ ସଭ୍ୟ ପ୍ରଦୀପ ମହାନ୍ତିଙ୍କ ସ୍ତ୍ରୀ ଅର୍ଚ୍ଚନା ଦାସ ନଛିପୁରା ସମିତିସଭ୍ୟ ପ୍ରାର୍ଥୀଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ତାଙ୍କ ବିପକ୍ଷରେ ପଞ୍ଚାୟତ ସମିତି ଅଧକ୍ଷା ଲୋପାମୁଦ୍ରା ନାୟକ ସେହି ପଞ୍ଚାୟତରୁ ସମିତିସଭ୍ୟା ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।

## ବିପଦସଙ୍କୁଳ ଛାତ୍ରୀନିବାସରେ ଶହେ ଅନ୍ତେବାସୀ

### ବାବା ଭୈରବାନନ୍ଦ ସ୍ୱୟଂଶାସିତ କଲେଜ

- ନିର୍ମାଣର ୪ ବର୍ଷ ପରେ ଜରାଜୀର୍ଣ୍ଣ
- ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍

**ଯାଜପୁର ଅଫିସ,୨୧।୧**



ରାଜ୍ୟ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମିତ ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ୧୦୦ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଉଦ୍‌ଘାଟନର ୪ ବର୍ଷ ନ ପୂରୁଣୁ ଏହି ଛାତ୍ରୀ ନିବାସ ଅନ୍ତେବାସୀଙ୍କ ପାଇଁ ବିପଦସଙ୍କୁଳ ହୋଇ ପଡ଼ିଛି । ବିଭାଗୀୟ ଅଧିକାରୀ, ଯନ୍ତ୍ରୀ, ଠିକାଦାର ଓ ରାଜନେତାଙ୍କ ସଲାସୁତ୍ରରେ ନିମ୍ନମାନର ନିର୍ମାଣ କାର୍ଯ୍ୟ କରାଯାଇ ଅନୁଦାନର ସିଂହଭାଗ ଅର୍ଥ ଆତ୍ମସାତ୍ କରାଯାଇ ଥିବା ପ୍ରମାଣ ଏବେ ଜଳଜଳ ହୋଇ ଦିଶୁଛି ବୋଲି ମତପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ପୂର୍ତ୍ତ, ଗ୍ରାମ୍ୟ ନିର୍ମାଣ, ଓଡ଼ିଶା ନିର୍ମାଣ ନିଗମ କିମ୍ବା ଓଡ଼ିଶା ପୋଲିସ ଗୃହ ନିର୍ମାଣ ନିଗମ ଭଳି ଅଭିଜ୍ଞ ଯାନ୍ତ୍ରିକ ବିଭାଗକୁ ଦାୟିତ୍ୱ ନ ଦେଇ ବଡ଼ଚଣା ପଞ୍ଚାୟତ ସମିତି ମାଧ୍ୟମରେ ଏହି ଛାତ୍ରୀ ନିବାସ ନିର୍ମାଣ ହୋଇଥିଲା। ନାମକୁ ମାତ୍ର ଟେଣ୍ଡର ଆହ୍ୱାନ କରି ଯୋଜନାବଦ୍ଧ ଭାବେ ଧର୍ମଶାଳା ଅଞ୍ଚଳର ଜଣେ ଠିକାଦାରଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ହେଲେ କେତେଜଣ ପେଟି କଣ୍ଟ୍ରାକ୍ଟରଙ୍କ ତତ୍ତ୍ୱାବଧାନରେ ନିର୍ମାଣ କାମ ଶେଷ ହୋଇଥିଲା ବୋଲି କଲେଜର କେତେଜଣ କର୍ମଚାରୀ ସୂଚନା ଦେଇଛନ୍ତି। ୨୦୧୪ ମେ ୯ରେ ଉକ୍ତ ଛାତ୍ରୀ ନିବାସ ଶିଳାନ୍ୟାସ କରାଯିବା ପରେ ନିର୍ମାଣ କାମ ଆରମ୍ଭ ହୋଇ ୨୦୧୬ରେ ଶେଷ ହୋଇଥିଲା । ୨୦୧୬ ଅକ୍ଟୋବର ୭ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଡ଼ଚଣା ବ୍ଲକ ଗସ୍ତରେ ଆସିଥିବା ସମୟରେ ଖଇରା ଖେଳ ପଡ଼ିଆଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉକ୍ତ ଛାତ୍ରୀ ନିବାସରକୁ ଉଦ୍‌ଘାଟନ କରିଥିଲେ। ଇତିମଧ୍ୟରେ ସେହି ଛାତ୍ରୀନିବାସର ରଙ୍ଗ ସବୁ ଧୋଇ ହୋଇଗଲାଣି, କାନ୍ଥ ଓ ଛାତରୁ ପଲସ୍ତରା ସବୁ ଖଣ୍ଡ ଖଣ୍ଡ ହୋଇ ଖସି ପଡୁଛି । ତଳେ ବିଛା ଯାଇଥିବା ଟାଇଲ ଉଠି ଯାଉଛି । ନିମ୍ନମାନର କବ୍‌ଜା ଲାଗିଥିବାରୁ ଆପଣାଛାଏଁ ଗୋଟିଏ ପରେ ଗୋଟିଏ ଝରକା ମଧ୍ୟ ବନ୍ଧରୁ ଖସି ତଳେ ପଡ଼ିଛି । ଏହି କାରଣରୁ ସେଠାରେ ରହିବା ମୃତ୍ୟୁକୁ ଆଲିଙ୍ଗନ କରିବା ସହ ସମାନ ବୋଲି କେତେଜଣ ଅନ୍ତେବାସୀ କହିଛନ୍ତି। କଲେଜ କର୍ତ୍ତୃପକ୍ଷ ଏଥିନେଇ କେବଳ ଥରେ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ନୀରବରେ ବସିଛନ୍ତି । ଏନେଇ ପ୍ରତିକ୍ରିୟା ନେବାକୁ କଲେଜ ଅଧକ୍ଷଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ପାରିନାହିଁ।

## ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶେଷ

**ବରୀ,୨୧।୧(ଡି.ଏନ.ଏ.)**

ନାମାଙ୍କନପତ୍ର ଦାଖଲର ଶେଷଦିନ ସୁଦ୍ଧା ବରୀ ବ୍ଲକ୍‌ର ୨୯ ପଞ୍ଚାୟତରୁ ୬୯୦ ୱାର୍ଡ ସଭ୍ୟ, ୧୦୬ ସମିତିସଭ୍ୟ ଓ ୧୫୦ ସରପଞ୍ଚ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନାମାଙ୍କନପତ୍ର ଦାଖଲର ପ୍ରଥମ ଦିନରୁ ଶେଷ ପର୍ଯ୍ୟନ୍ତ ବିଭିନ୍ନ ପଦପଦବୀ ନିମନ୍ତେ ଏହି ବ୍ଲକ୍‌ର ନାମାଙ୍କନପତ୍ର ଦାଖଲ କରିଥିବା ପ୍ରାର୍ଥୀ କୋଭିଡ ନିୟମ ପାଳନ କରି ନ ଥିବା ଦେଖିବାକୁ ମିଳିଛି। ନାମାଙ୍କନପତ୍ର ଦାଖଲ ବେଳେ ପ୍ରାର୍ଥୀଙ୍କ ସମେତ ପ୍ରସ୍ତାବକ ଓ ସମର୍ଥକଙ୍କ ସହ ୫ ଜଣ ଉପସ୍ଥିତ ରହିବା ନିୟମ ଥିଲା। ମାତ୍ର ଶେଷ ଦିନରେ ପ୍ରାର୍ଥୀ ଶୋଭାଯାତ୍ରାରେ ଯାଇ ନାମାଙ୍କନ ଦାଖଲ କରିଥିବା ଦେଖିବାକୁ ମିଳିଥିଲା। ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶେଷ ହେବା ପରେ ମନୋନୟନ ପତ୍ର ଯାଞ୍ଚ ୨୨ ତାରିଖ ଓ ୨୫ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀତ୍ୱ ପ୍ରତ୍ୟାହାର କରାଯିବା ସହ ଚୁଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶନ କରାଯିବ ବୋଲି ବ୍ଲକ୍ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ସଂକ୍ଷେପରେ

### ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଜେଲ୍ ଗଲେ



**ଖଣ୍ଡପଡ଼ା,୨୧।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ଥାନା ଅଧୀନ ଗୁଣ୍ଡୁଣି ଗ୍ରାମ ଖଜୁରିସାହିର ଜଣେ ମହିଳାଙ୍କୁ ଗତ ୧୯ ତାରିଖ ରାତିରେ ବଳାତ୍କାର ଉଦ୍ୟମ କରାଯାଇଥିଲା । ଏ ସଂକ୍ରାନ୍ତରେ ଅଭିଯୋଗ ପରେ ପୋଲିସ ସ୍ଥାନୀୟ ଅଞ୍ଚଳର ପ୍ରଶାନ୍ତ ସେଠୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ମହିଳାଙ୍କ ସ୍ୱାମୀ ଘରେ ନ ଥିବା ବେଳେ ପ୍ରଶାନ୍ତ ଏଭଳି କାଣ୍ଡ ଘଟାଇଥିବା ଥାନାରେ ଅଭିଯୋଗ ହୋଇଛି ।

### କାର ଧକ୍କାରେ ବାଇକ୍ ଆରୋହୀ ମୃତ

**ନୟାଗଡ଼ ଅଫିସ,୨୧।୧:** ବଲାଙ୍ଗୀର ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ନୟାଗଡ଼ ଏନଏସି ହାଇସ୍କୁଲ ସମ୍ମୁଖରେ ଏକ କାର ଧକ୍କାରେ ପ୍ରମୋଦ କୁମାର ରାଉତଙ୍କର ମୃତ୍ୟୁ ହୋଇଛି। ପ୍ରମୋଦଙ୍କ ଘର ନୟାଗଡ଼ ପୁରୁଣାସହରରେ । ପ୍ରମୋଦ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା । ସ୍ଥାନୀୟଲୋକ ପ୍ରମୋଦଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ଖବର ପାଇ ନୟାଗଡ଼ ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଦେଶୀମଦ ଜବତ, ଜଣେ ଗିରଫ

**ଖଣ୍ଡପଡ଼ା,୨୧।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡ଼ିଆ ପଞ୍ଚାୟତର ପଥରଦ୍ୱାର ଗ୍ରାମରେ ପୋଲିସ ଅଚାନକ ଚଢ଼ାଉ କରି ଭକ୍ତ ପରିଡ଼ାଙ୍କ ଘରୁ ୧୨ ଲିଟର ଦେଶୀ ମଦ ଜବତ କରିଛି । ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ଭକ୍ତଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି । ଖଣ୍ଡପଡ଼ା ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇଛି ।

### ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବନ୍ଧୁ ମିଳନ

**ଖଣ୍ଡପଡ଼ା,୨୧।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳୀପୁର କ୍ଲଷ୍ଟରରେ ଥିବା ୧୦ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଏକ ବନ୍ଧୁମିଳନ ଜଗନ୍ନାଥପ୍ରସାଦ ପଞ୍ଚାୟତ ବାତରା ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ନବବର୍ଷ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ପୂର୍ବତନ ସିଆରସିସି ବାଲୁରୀ ବାରିକ, ରମାକାନ୍ତ ପଣ୍ଡା, ଶାନ୍ତିଲତା ଦେଇ ଓ ସିଆରସିସି ବିକାଶ କୁମାର ସେଠୀଙ୍କୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷୟିତ୍ରୀ, ଶିକ୍ଷକମାନେ ନିଜ ନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ ସହ ଭୋଜିର ମଜା ଉଠାଇଥିଲେ ।

### ପର୍ଯ୍ୟବେକ୍ଷକଙ୍କ ନିର୍ବାଚନ ସମୀକ୍ଷା

**ନୟାଗଡ଼ ଅଫିସ,୨୧।୧:** ରାଜ୍ୟ ସରକାରଙ୍କ ସମବାୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଭରତ ଚନ୍ଦ୍ର ବେହେରା ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନୟାଗଡ଼ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ନିଯୁକ୍ତ ହୋଇଛନ୍ତି । ସେ ଶୁକ୍ରବାର ପୂର୍ବାହ୍ନରେ ନୟାଗଡ଼ରେ ପହଞ୍ଚି ଜିଲାପାଳ ପୋମା ଟୁଡୁଙ୍କ ସହିତ ନିର୍ବାଚନ ସମ୍ବନ୍ଧୀୟ ସମୀକ୍ଷା ବୈଠକ କରିଥିଲେ । ପରେ ସେ ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟଙ୍କ ସହିତ ଓଡ଼ଗାଁ ବ୍ଲକକୁ ଗସ୍ତ କରି ବ୍ଲକ କାର୍ଯ୍ୟାଳୟ ଏବଂ ରଙ୍ଗଣିପାଟଣା ପଞ୍ଚାୟତରେ ପ୍ରାର୍ଥୀପତ୍ର ଦାଖଲ ତଦାରଖ କରିଥିଲେ। ଅପରାହ୍ନରେ ନୟାଗଡ଼ ବ୍ଲକ ଗସ୍ତ କରି ବ୍ଲକ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲର ମଧ ତଦାରଖ କରିଥିଲେ । ପରେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲର ତଦାରଖ କରିଥିଲେ। ଉପସ୍ଥିତ ନିର୍ବାଚନ ଅଧିକାରୀମାନଙ୍କୁ ପରାମର୍ଶ ଦେଇ କହିଲେ ଯେ, ପ୍ରାର୍ଥୀମାନେ ଯେଭଳି କୋଭିଡ୍ କଟକଣା ଓ ନିର୍ବାଚନ ଆଚରଣ ବିଧି ଠିକ୍ ଭାବେ ପାଳନ କରିବେ ସେଥି ପ୍ରତି ସତର୍କ ଦୃଷ୍ଟି ରଖିବେ ।

# ଗୋଟିଏ ପରିବାରର ୪ ସରପଞ୍ଚ ପ୍ରାର୍ଥୀ

**ନୟାଗଡ଼ ଜିଲା ପଞ୍ଚାୟତ ନିର୍ବାଚନ ପରିକ୍ରମା**

**ନୟାଗଡ଼ ଅଫିସ,୨୧।୧**



ନୟାଗଡ଼ରେ ଜଣେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ ପୂର୍ବରୁ ଦସ୍ତଖତ କରୁଛନ୍ତି ।

ଶୁକ୍ରବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ଦିବସ ଥିଲା । ଜିଲାର ବିଭିନ୍ନ ଅଞ୍ଚଳ ଏଥିପାଇଁ ଚଳଚଞ୍ଚଳ ହୋଇପଡିଥିଲା। ପ୍ରାର୍ଥୀମାନେ କରୋନା କଟକଣା ମଧ୍ୟରେ ନିଜ ସମର୍ଥକଙ୍କ ସହିତ ଆସି ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ। ହେଲେ ଓଡ଼ଗାଁ ବ୍ଲକର ଗୋଡିପଡ଼ା ପଞ୍ଚାୟତ ଏଥର ଚର୍ଚ୍ଚାରେ ରହିଛି । ସେହି ପଞ୍ଚାୟତର ଗୋଟିଏ ପରିବାର ୪ଜଣ ସଦସ୍ୟ ସରପଞ୍ଚ ଭାବେ ପ୍ରାର୍ଥୀ ହୋଇଛନ୍ତି । ଉକ୍ତ ପରିବାରର ଜୟକୃଷ୍ଣ ସାହୁ ଓ ଅନ୍ତର୍ଯ୍ୟାମୀ ସାହୁ ଦୁଇ ଭାଇ ପ୍ରାର୍ଥୀ ହୋଇଛନ୍ତି । ସେହିପରି ଜୟକୃଷ୍ଣଙ୍କ ସ୍ତ୍ରୀ ରତନୀ ସାହୁ ଓ ଅନ୍ତର୍ଯ୍ୟାମୀଙ୍କ ପୁତ୍ରବଧୂ କ୍ରୀଷ୍ଣା ସାହୁ ଅନୁରୂପ ଭାବେ ପ୍ରାର୍ଥୀ ହୋଇଛନ୍ତି । ଫଳରେ ଜୟକୃଷ୍ଣ ଓ ଅନ୍ତର୍ଯ୍ୟାମୀଙ୍କ ପରିବାର ମଧରେ ଲଢ଼େଇ ହେବ। ପରିବାର ୪ ସଦସ୍ୟଙ୍କ ମଧ୍ୟରୁ କିଏ ବିଜୟ ଓ ପରାଜୟ ହେଲେ କିଛି ଅସୁବିଧା ନାହିଁ । ସରପଞ୍ଚ କ୍ଷମତା ସାହୁ ପରିବାର ମଧରେ ରହିବ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି ।

**ପ୍ରାର୍ଥୀ ମିଳିଲେ ନାହିଁ:** ଗୋଡିପଡ଼ା ପଞ୍ଚାୟତରେ ରହିଛି ୧୮ ୱାର୍ଡ । ସେଠାରେ ୩୬ ଜଣ ପ୍ରାର୍ଥୀ ୱାର୍ଡମେମ୍ବର ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ତେବେ ୩ ନଂ. ୱାର୍ଡରେ କେହି ପ୍ରାର୍ଥୀପତ୍ର ଦାଖଲ କରି ନାହାନ୍ତି । ଏହି ୱାର୍ଡଟି ତଫସିଲ ଭୁକ୍ତ ଜାତି(ଏସ୍‌ସି) ପାଇଁ ସଂରକ୍ଷିତ ରହିଛି । ତେବେ ଏଠାରେ କେହି ତଫସିଲ ଭୁକ୍ତ ଜାତିର ଲୋକ ନାହାନ୍ତି। ସବୁ ଭୋଟର ସାଧାରଣ ବର୍ଗର ହୋଇଥିବାରୁ କେହି ପ୍ରାର୍ଥୀପତ୍ର ଦାଖଲ କରି ନାହାନ୍ତି । ସଂରକ୍ଷଣ ତାଲିକା ପ୍ରସ୍ତୁତିରେ ହୋଇଥିବା ତ୍ରୁଟି ଯୋଗୁ ଏପରି ସମସ୍ୟା ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ଭୋଟରମାନେ କହିଛନ୍ତି ।

**ନିର୍ବାଚନ ରଣାଙ୍ଗନରେ ଦୁଇ ଯା:** ଓଡ଼ଗାଁ ବ୍ଲକ ଜୋନ୍ ନଂ. ୩ ରେ ଜିଲା ପରିଷଦ ସଭ୍ୟ ପାଇଁ ଦୁଇ ଯା ପ୍ରାର୍ଥୀ ହୋଇଛନ୍ତି । ବିଜେଡିରୁ ଚିନ୍ମୟୀ ଦାଶ ଓ କଂଗ୍ରେସରୁ ସସ୍ମିତା ଦାଶ ପ୍ରାର୍ଥୀ ହୋଇଛନ୍ତି । ସେହିପରି ଭାପୁର ବ୍ଲକ ଶାଳପଡ଼ା ପଞ୍ଚାୟତ ସମିତି ସଭ୍ୟ ପ୍ରାର୍ଥୀ ଭାବେ ସାବିତ୍ରୀ ପ୍ରଧାନ ଓ ତାଙ୍କ ଯା ଦମୟନ୍ତୀ ଖଟେଇ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଛନ୍ତି ।

**କୋଭିଡ୍ କଟକଣା ବାଟବଣା:** ଜିଲା ପରିଷଦ ସଭ୍ୟ ପାଇଁ ପ୍ରାର୍ଥୀପତ୍ର ନୟାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ ହେଉଥିଲା। ତେବେ କାର୍ଯ୍ୟାଳୟ ଭିତର ଫାଙ୍କା ଥିବାବେଳେ ବାହାରେ ପ୍ରାର୍ଥୀ ଓ ଦଳୀୟ ନେତାଙ୍କ ଭିଡ଼ ଲାଗି ରହିଥିଲା । ସେହିପରି ବାହାରେ ମଧ ସମର୍ଥକ,କର୍ମୀଙ୍କ ଅନୁରୂପ ଭିଡ଼ ଥିଲା । ଭିଡ଼କୁ ଦେଖିଲେ କରୋନା କଟକଣାକୁ କେହି ମାନୁ ନ ଥିବା ସ୍ପଷ୍ଟ ହୋଇଥିଲା। ପୋଲିସ ଓ ପ୍ରଶାସନ ବି ଏପରି ଗହଳିକୁ ଦେଖି ନୀରବ ରହିବାକୁ ବାଧ୍ୟ ହୋଉଥିବା ଦେଖିବାକୁ ମିଳିଥିଲା ।

**ଏଥର ବି ଦମ୍ପତିଙ୍କ ପ୍ରାର୍ଥିପତ୍ର ଦାଖଲ:** ଓଡ଼ଗାଁ ବ୍ଲକ ଶିଖରପୁର ପଞ୍ଚାୟତରେ ସନ୍ନ୍ୟାସୀ ପ୍ରଧାନ ସରପଞ୍ଚ ପ୍ରାର୍ଥୀ ହୋଇଥିବାବେଳେ ସ୍ତ୍ରୀ ପ୍ରତିମା ୩ନଂ.ଜୋନ୍ ଜିଲା ପରିଷଦ ସଭ୍ୟ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପୂର୍ବରୁ ପ୍ରତିମା ଶିଖରପୁର ସରପଞ୍ଚ,ଓଡ଼ଗାଁ ବ୍ଲକ ଚେୟାରମ୍ୟାନ ଭାବେ କାମ କରିଛନ୍ତି। ସେହିପରି ସନ୍ନ୍ୟାସୀ ଶିଖରପୁର ସରପଞ୍ଚ ଓ ଶରଣକୁଳ ଜିଲା ପରିଷଦ ସଭ୍ୟ ଭାବେ କାମ କରିଛନ୍ତି। ସେହିଭଳି ନୟାଗଡ଼ ବ୍ଲକ୍ ଭାଟସାହି ପଞ୍ଚାୟତର ପୂର୍ବତନ ସରପଞ୍ଚ କିଶୋର ଚନ୍ଦ୍ର ସାହୁ ଚଣ୍ଡୀବତ ପଞ୍ଚାୟତର ସମିତି ସଭ୍ୟ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ଶାରଦା ସାହୁ ଭାଟସାହି ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ହୋଇଛନ୍ତି ।

**ପରିବାର ରାଜନୀତି:** ଭାପୁର ବ୍ଲକରେ ଅଧିକାଂଶ ପଞ୍ଚାୟତରେ ସମିତି ସଭ୍ୟ ପଦବୀରେ ଗୟାଧର ପରିଡ଼ା ଓ ବେଣୁଧର ପ୍ରଧାନଙ୍କ ଦୁଇ ପରିବାର ସଦସ୍ୟଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେଠାରେ ପରିବାର ରାଜନୀତି ଚାଲିଛି ବୋଲି ଅଭିଯୋଗ ହୋଇଛି। ଗୟାଧର ପରିଡ଼ା ଭାପୁର ବ୍ଲକ ଉପାଧ୍ୟକ୍ଷ ଥିଲେ। ଗୟାଧର କଇଁଫୁଲିଆ ପଞ୍ଚାୟତରେ ଓ ପୁଅ ଚିନ୍ମୟ ପରିଡା କେନ୍ଦୁପଲି ପଞ୍ଚାୟତରେ ସମିତି ସଭ୍ୟ ପ୍ରାର୍ଥୀ ହୋଇଛନ୍ତି । ସେହିଭଳି ସ୍ତ୍ରୀ ବାସନ୍ତୀ ପରିଡ଼ା ବିଜିପୁର ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟପକ୍ଷେ ବେଣୁଧର ପ୍ରଧାନ କଇଁଫୁଲିଆ ପଞ୍ଚାୟତରେ, ସ୍ତ୍ରୀ ସାବିତ୍ରୀ ପ୍ରଧାନ ଧାନଚେଙ୍ଗଡ଼ା ପଞ୍ଚାୟତରେ , ସାନ ଭାଇ ପ୍ରକାଶ ପ୍ରଧାନ ଶାସନ ପଞ୍ଚାୟତରେ, ଭାଉଜ ଦମୟନ୍ତୀ ଖଟେଇ ଶାଳପଡ଼ା ପଞ୍ଚାୟତରେ ସମିତିସଭ୍ୟ ପ୍ରାର୍ଥୀ ହୋଇଛନ୍ତି।

### ଶେଷ ଦିବସରେ ୩୫୯ ଜଣଙ୍କ ପ୍ରାର୍ଥିପତ୍ର ଦାଖଲ

**ଖଣ୍ଡପଡ଼ା,୨୧।୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ପଞ୍ଚାୟତ ସମିତି ପାଇଁ ଶେଷ ଦିବସରେ ୩୫୯ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସରପଞ୍ଚ ପଦ ପାଇଁ ୪୯, ସମିତି ସଭ୍ୟ ୪୭ ଓ ୱାର୍ଡ ସଭ୍ୟ ଲାଗି ୨୬୩ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବ୍ଲକ୍ ପ୍ରଶାସନ ସୁତ୍ରରୁ ଜଣାପଡିଛି । ଅନ୍ତିମ ଦିବସ ସୁଦ୍ଧା ୧୦୫ ଜଣ ସରପଞ୍ଚ, ୯୬ ଜଣ ସମିତି ସଭ୍ୟ ଓ ୭୨୨ ଜଣ ୱାର୍ଡ ସଭ୍ୟ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ଖଣ୍ଡପଡ଼ା ବିଡ଼ିଓ ତଥା ନିର୍ବାଚନ ଧିକାରିଣୀ ଅରୁଣୀମା ସାହୁଙ୍କ ସୂଚନା ଦେଇଛନ୍ତି । ଚଳିତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟ ପଦ ପାଇଁ ପ୍ରତି ପଞ୍ଚାୟତରୁ ଏକାଧିକ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି।

### ପାରାଢିପି ସମିତି ସଭ୍ୟ ପାଇଁ ୭ ପ୍ରାର୍ଥୀ

**ନୂଆଗାଁ,୨୧।୧(ଡି.ଏନ.ଏ.)**

ଶୁକ୍ରବାର ନାମାଙ୍କନ ଦାଖଲ କରିବାର ଶେଷ ଦିନ ଥିଲା । ନୂଆଗାଁ ବ୍ଲକର ୨୨ ପଞ୍ଚାୟତ ସମିତି ସଭ୍ୟ ପାଇଁ ସର୍ବମୋଟ ୯୬ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ବେଳେ ସରପଞ୍ଚ ପଦ ପାଇଁ ମୋଟ ୮୪ ଜଣ ଏବଂ ୱାର୍ଡ ସଭ୍ୟ ପଦ ପାଇଁ ୫୪୨ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେଥିମଧ୍ୟରୁ ପାରାଢିପି ପଞ୍ଚାୟତରେ ସର୍ବାଧିକ ୭ ଜଣ ସମିତି ସଭ୍ୟ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଗୁମି ପଞ୍ଚାୟତରେ ସର୍ବାଧିକ ୬ ଜଣ ସରପଞ୍ଚ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି।



ଶୁକ୍ରବାର ନୟାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ ପାଇଁ ଆସିଥିବା ପ୍ରାର୍ଥୀଙ୍କ ଭିଡ଼ ।

# ୨୪ଜୋନ୍ ପାଇଁ ୧୦୭ ଜିଲା ପରିଷଦ ପ୍ରାର୍ଥୀ

**ନୟାଗଡ଼ ଅଫିସ,୨୧।୧**

ନୟାଗଡ଼ ଜିଲାର ୨୪ ଜୋନ୍ ପାଇଁ ୧୦୭ଜଣ ପ୍ରାର୍ଥୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନାମାଙ୍କନ ପତ୍ର ଦାଖଲ କରିଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ କଂଗ୍ରେସ, ବିଜେଡି ଓ ଭାଜପା ପ୍ରାର୍ଥୀମାନେ ଅଛନ୍ତି । ଓଡ଼ଗାଁ ବ୍ଲକର ୧ନଂ. ଜୋନ୍‌ରେ ଧରିତ୍ରୀ ସେଠୀ(ଭାଜପା), ଜ୍ୟୋତ୍ସ୍ନାରାଣୀ ନାୟକ(କଂଗ୍ରେସ),୨ନଂ. ଜୋନ୍‌ରେ ଆରତୀ ଗୌଡ (ଭାଜପା), ସବିତା କର (କଂଗ୍ରେସ), ୩ନଂ. ଜୋନ୍‌ରେ କୁମାରୀ ପାତ୍ର (ଭାଜପା), ସସ୍ମିତା ଦାଶ (କଂଗ୍ରେସ), ୪ନଂ.ଜୋନ୍‌ରେ ପ୍ରତିମା ପ୍ରଧାନ (ଭାଜପା),ରୁନା ବିଶୋଇ (କଂଗ୍ରେସ), ଖଣ୍ଡପଡ଼ା ବ୍ଲକ ୫ ନଂ. ଜୋନ୍‌ରେ ନିର୍ମଳା ବିଶ୍ୱାଳ(ଭାଜପା), ପ୍ରକାଶ ଖୁଣ୍ଟିଆ (କଂଗ୍ରେସ), ୬ ନଂ. ଜୋନ୍ କବିତା ରାଉତ(ଭାଜପା), ମାଳତୀ ବେହେରା (କଂଗ୍ରେସ), ୭ନଂ. ଜୋନ୍‌ରେ ଜୟଶ୍ରୀ ବେହେରା (ଭାଜପା), ରଶ୍ମିତା ପ୍ରଧାନ (କଂଗ୍ରେସ), ଗଣିଆ ବ୍ଲକର ୮ ନଂ.ଜୋନ୍‌ରେ ସୁଶାନ୍ତ ନାୟକ(ଭାଜପା), ଚିନ୍ମୟୀ ମହାଳିକ(କଂଗ୍ରେସ), ଦଶପଲ୍ଲା ବ୍ଲକର ୯ନଂ. ଜୋନ୍‌ରେ ଗୋଲଖ କଅଁର(ଭାଜପା), ସୁବାସ ଚନ୍ଦ୍ର ମଲିକ (କଂଗ୍ରେସ) ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିଭଳି ୧୦ ନଂ. ଜୋନରେ ସଙ୍ଗୀତା କୁମାରୀ ନାୟକ(ଭାଜପା), ବନିତା ବେହେରା (କଂଗ୍ରେସ), ୧୧ ନଂ. ଜୋନ୍‌ରେ ଦେବେନ୍ଦ୍ର କୁମାର ପ୍ରଧାନ (ଭାଜପା), ଅର୍ଜୁନ ପ୍ରଧାନ (କଂଗ୍ରେସ), ନୟାଗଡ଼ ବ୍ଲକ ୧୨ ନଂ. ଜୋନ୍‌ରେ ସନ୍ତୋଷ ପ୍ରଧାନ(ଭାଜପା), ବୃନ୍ଦାବନ ନାୟକ (କଂଗ୍ରେସ),୧୩ନଂ. ଜୋନ୍‌ରେ ନସିର ଅହମ୍ମଦ(ଭାଜପା), ହୋସେନ ଖାଁ (କଂଗ୍ରେସ), ୧୪ ନଂ. ଜୋନ୍‌ରେ ବିରେନ୍ଦ୍ର କୁମାର ନାୟକ (ଭାଜପା), ପୂର୍ଣ୍ଣଚନ୍ଦ୍ର ସାନ୍ତ (କଂଗ୍ରେସ), ୧୫ନଂ. ଜୋନ୍‌ରେ ସୌମ୍ୟ ରଞ୍ଜନ ପ୍ରଧାନ (ଭାଜପା), ଆଦିତ୍ୟ ପ୍ରସାଦ ପରିଡ଼ା (କଂଗ୍ରେସ), ନୂଆଗାଁ ବ୍ଲକର ୧୬ନଂ. ଜୋନ୍‌ରେ ସନ୍ଧ୍ୟାରାଣୀ ସେଠୀ (ଭାଜପା), ରଜନୀଦାସ (କଂଗ୍ରେସ), ୧୭ ନଂ.ଜୋନ୍ ପ୍ରତିଭା ଜେନା (ଭାଜପା), କଳ୍ପନା ଚମ୍ପତି (କଂଗ୍ରେସ) ଅନୁରୂପ ଭାବେ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟପକ୍ଷେ ଭାପୁର ବ୍ଲକର୧୮ ନଂ.ଜୋନ୍‌ରେ ପ୍ରଦୀପ ପଟ୍ଟନାୟକ (ଭାଜପା), ଅରୁପମା ଧଳ (କଂଗ୍ରେସ), ୧୯ନଂ.ଜୋନ୍‌ରେ କାର୍ତ୍ତିକ ନାୟକ (ଭାଜପା),ନବୀନ ପ୍ରଧାନ (କଂଗ୍ରେସ), ୨୦ନଂ. ଜୋନ୍‌ରେ ସଞ୍ଜୟ ଦାସ (ଭାଜପା), ପୂର୍ଣ୍ଣଚନ୍ଦ୍ର ପ୍ରଧାନ(କଂଗ୍ରେସ), ରଣପୁର ବ୍ଲକର ୨୧ ନଂ. ଜୋନ୍‌ରେ ସସ୍ମିତା ମାର୍ଥା (ଭାଜପା), ସରୋଜିନୀ ପରିଡ଼ା (କଂଗ୍ରେସ), ୨୨ନଂ.ଜୋନ୍‌ରେ ମହେନ୍ଦ୍ର କୁମାର ସାହୁ (ଭାଜପା), ପ୍ରସନ୍ନ କୁମାର ସୁବୁଦ୍ଧି (କଂଗ୍ରେସ),୨୩ନଂ.ଜୋନ୍‌ରେ ଲକ୍ଷ୍ମୀପ୍ରିୟା ତରାଇ (ଭାଜପା), ନିରୁପମା କର (କଂଗ୍ରେସ), ୨୪ନଂ.ଜୋନ୍‌ରେ ବୁଦ୍ଧିମତି ପ୍ରଧାନ (ଭାଜପା),ଆରତୀ ଜେନା (କଂଗ୍ରେସ) ପ୍ରାର୍ଥୀ ହୋଇଛନ୍ତି। ତେବେ ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବିଜେଡି ପ୍ରାର୍ଥୀଙ୍କ ତାଲିକା ମିଳିପାରିନାହିଁ ।

### ୬୩୪ ପ୍ରାର୍ଥିପତ୍ର ଦାଖଲ

**ଦଶପଲ୍ଲା,୨୧।୧(ଡି.ଏନ.ଏ.)**

ପଞ୍ଚାୟତ ନିର୍ବାଚନ ନିମନ୍ତେ ଦଶପଲ୍ଲା ଚଳଚଞ୍ଚଳ ହୋଇ ଉଠିଛି । ପ୍ରାର୍ଥୀପତ୍ର ଦାଖଲର ଶୁକ୍ରବାର ଶେଷ ଦିବସରେ ୱାର୍ଡ ମେମ୍ବର ପାଇଁ ୧୯୧ଜଣ, ସରପଞ୍ଚ ପାଇଁ ୩୯ଜଣ, ସମିତି ସଭ୍ୟ ପାଇଁ ୩୬ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଶେଷ ଦିବସ ସୁଦ୍ଧା ମୋଟ ୱାର୍ଡ ମେମ୍ବର ପାଇଁ ୪୨୦ଜଣ, ସରପଞ୍ଚ ପାଇଁ ୧୧୨ଜଣ, ସମିତି ସଭ୍ୟ ପାଇଁ ୧୦୨ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସର୍ବମୋଟ ୬୩୪ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।

### ସୁବର୍ଣ୍ଣ ଜୟନ୍ତୀ ପାଳନ ସମ୍ପର୍କିତ ଭର୍ଚୁଆଲ୍ ବୈଠକ

**ଦିଗପହଣ୍ଡି,୨୧।୧(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବମକେଇ ଶିବାନନ୍ଦ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବା ପାଇଁ ପୁରାତନ ଛାତ୍ରମାନେ ଅଣ୍ଟା ଭିଡିଛନ୍ତି। ଏ ସମ୍ପର୍କରେ ଭର୍ଚୁଆଲ୍ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରେ ରହିଥିବା ଛାତ୍ରମାନେ ଏକତ୍ରିତ ହୋଇଥିଲେ। ଦିଲୀପ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଚନ୍ଦ୍ର ଶେଖର ମିଶ୍ର, କୃଷ୍ଣଚନ୍ଦ୍ର ବେହେରା, ମନୋଜ ପାଣିଗ୍ରାହୀ, ହରପ୍ରସାଦ ମିଶ୍ର, ଶିବ କୁମାର ଆଚାର୍ଯ୍ୟ, ସୁରେନ୍ଦ୍ର ପଟ୍ଟନାୟକ, ନବୀନ ପ୍ରଧାନ, ବାଳକୃଷ୍ଣ ସୁବୁଦ୍ଧି, ଶିବରାମ ପ୍ରଧାନ, ଜଗନ୍ନାଥ ବାଡତ୍ୟା, ବିକ୍ରମ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ମତ ଉପସ୍ଥାପନ କରିଥିଲେ। ଏନେଇ ସମାରୋହ ସମ୍ପର୍କିତ ବିଭିନ୍ନ ପ୍ରକାର ପ୍ରସ୍ତାବ ଆଗତ ହୋଇଥିଲା ।

# ୩୦୯୯ ନାମାଙ୍କନ ପତ୍ର

**ନୟାଗଡ଼ ଅଫିସ,୨୧।୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଶୁକ୍ରବାର ଅନ୍ତିମ ଦିବସରେ ନୟାଗଡ଼ ଜିଲାରେ ୩୦୯୯ ନାମାଙ୍କନ ପତ୍ର ଦାଖଲ ହୋଇଛି। ଏଥିରୁ ୨୧୮୮ ୱାର୍ଡମେମ୍ବର, ୪୪୭ ସରପଞ୍ଚ, ୩୯୧ ସମିତିସଭ୍ୟ ଓ ଜିଲା ପରିଷଦ ସଭ୍ୟ ପାଇ ୭୩ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶୁକ୍ରବାର ନୟାଗଡ଼ ବ୍ଲକରୁ ୪୮୦, ନୂଆଗାଁ ବ୍ଲକରୁ ୧୮୮, ଦଶପଲ୍ଲା ବ୍ଲକରୁ ୧୯୧, ଗଣିଆ ବ୍ଲକରୁ ୨୪, ଖଣ୍ଡପଡ଼ା ବ୍ଲକରୁ ୨୬୩, ଭାପୁର ବ୍ଲକ ୧୮୩, ରଣପୁର ବ୍ଲକ ୪୩୦, ଓଡ଼ଗାଁ ବ୍ଲକରୁ ୩୬୯ ଏପରି ମୋଟରେ ୨୧୮୮ ପ୍ରାର୍ଥୀପତ୍ର ୱାର୍ଡମେମ୍ବର ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଅନ୍ୟପକ୍ଷେ ସରପଞ୍ଚ ପାଇଁ ନୟାଗଡ଼ ବ୍ଲକରୁ ୮୩, ନୂଆଗାଁ ବ୍ଲକରୁ ୩୬, ଦଶପଲ୍ଲା ବ୍ଲକରୁ ୩୯, ଗଣିଆ ବ୍ଲକରୁ ୨୯,ଖଣ୍ଡପଡ଼ା ବ୍ଲକରୁ ୪୯, ଭାପୁର ବ୍ଲକ୍‌ରୁ ୪୩, ରଣପୁର ବ୍ଲକ ୮୪, ଓଡ଼ଗାଁ ବ୍ଲକରୁ ୮୪ ଜଣ ଏପରି ମୋଟରେ ୪୪୭ ନାମାଙ୍କନ ପତ୍ର ଦାଖଲ କରାଯାଇଛି। ସେହିଭଳି ସମିତିସଭ୍ୟ ପାଇଁ ନୟାଗଡ଼ ବ୍ଲକରୁ ୭୬, ନୂଆଗାଁ ବ୍ଲକରୁ ୫୧, ଦଶପଲ୍ଲା ବ୍ଲକରୁ ୩୬, ଗଣିଆ ବ୍ଲକରୁ ୨୬, ଖଣ୍ଡପଡ଼ା ବ୍ଲକରୁ ୪୭, ଭାପୁର ବ୍ଲକରୁ ୪୨, ରଣପୁର ବ୍ଲକ ୬୭, ଓଡ଼ଗାଁ ବ୍ଲକରୁ ୪୬ ଏପରି ମୋଟରେ ୩୯୧ ପ୍ରାର୍ଥୀପତ୍ର ଦାଖଲ ହୋଇଛି । ପ୍ରକାଶଥାଉକି ପ୍ରଥମ ଦିବସରେ ୨୪୭,୨ୟ ଦିବସରେ ୫୩୧,ତୃତୀୟ ଦିବସରେ ୨୦୬୪, ଚତୁର୍ଥ ଦିବସରେ ୧୨୯୫ ଓ ଅନ୍ତିମ ଦିବସରେ ୩୦୯୯ ଏପରି ମୋଟରେ ୭୨୩୬ ନାମାଙ୍କନ ପତ୍ର ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ ପଦବୀ ପାଇଁ ଦାଖଲ ହୋଇଛି।

### ଇଞ୍ଜିନିୟର, ଆଇନଜୀବୀ ପ୍ରାର୍ଥୀ

**ନୟାଗଡ଼ ଅଫିସ,୨୧।୧**

ନୟାଗଡ଼ ସଦର ଥାନା ଯଦୁପୁରର ବହୁ ଚର୍ଚ୍ଚିତ ପରୀ ହତ୍ୟା ଘଟଣାରେ ଚର୍ଚ୍ଚିତ ଚେହେରା ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ସରପଞ୍ଚ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ସରପଞ୍ଚ ପଦବୀ ହରାଇବାକୁ ପଡିଥିଲା । ଏହି ଘଟଣା ଲୋକଲୋଚନକୁ ଆଣିବା ପରେ ତାଙ୍କ ବିରୋଧରେ ଅନାସ୍ଥା ଅଣାଯାଇ ବହିଷ୍କୃତ କରାଯାଇଥିଲା । ସେ ଏବେ ଭାଜପାର ୧୫ନଂ.ଜୋନରେ ଜିଲା ପରିଷଦ ସଭ୍ୟ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ଗଣିଆ ବ୍ଲକର ୮ ନଂ. ଜୋନରେ ସିଭିଲ ଇଞ୍ଜିନିୟର ଚିନ୍ମୟୀ ମହାଳିକ ଓ ୧୫ନଂ. ଜୋନରେ ହାଇକୋର୍ଟ ଆଇନଜିବୀ ଆଦିତ୍ୟ ପ୍ରସାଦ ପରିଡ଼ା ଜିଲାପରିଷଦ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

# ଖଣ୍ଡପଡ଼ାରେ ଧାନମଣ୍ଡି ଉଦ୍‌ଘାଟିତ

**ଖଣ୍ଡପଡ଼ା,୨୧।୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଖଣ୍ଡପଡ଼ା ଶାଖା ଅଧୀନରେ ଥିବା ଖଣ୍ଡପଡ଼ା ସେବା ସମବାୟ ସମିତି ପରିସରରେ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ସେବା ସମବାୟ ସମିତିର ସମ୍ପାଦକ ଗୋପୀନାଥ ଆଚାର୍ଯ୍ୟ, ପୂର୍ବତନ ସଭାପତି ପ୍ରଭାକର ଆଚାର୍ଯ୍ୟ ଓ ସ୍ଥାନୀୟ ଚାଷୀମାନଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇଥିଲା। ନୟାଗଡ଼ ଜିଲାର ଶରଣକୁଳ ଅଞ୍ଚଳର ମିଲର ବଜରଙ୍ଗୀ ଫୁଡ୍ ପ୍ରଡକ୍ସର ମୁଖ୍ୟ ବିଭୂପ୍ରସାଦ ମହାପାତ୍ର ମଣ୍ଡିରେ ଉପସ୍ଥିତ ରହି ଧାନର ମାନ ପରୀକ୍ଷା କରିଥିଲେ। ଖଣ୍ଡପଡ଼ାରେ ଧାନମଣ୍ଡି ଖୋଲିଥିବାରୁ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।



ଧାନମଣ୍ଡି ଉଦ୍‌ଘାଟନ ପାଇଁ ପୂଜାର୍ଚ୍ଚନା ଚାଲିଛି ।

# ନାମାଙ୍କନପତ୍ର ଦାଖଲ ପାଇଁ ଶେଷ ଦିବସରେ ଭିଡ଼ ଜମିଲା

**କରୋନା କଟକଣା ଉଲ୍ଲଂଘନ**

**ଖଣ୍ଡପଡ଼ା,୨୧।୧(ସ୍ୱ.ପ୍ର.)**



ଖଣ୍ଡପଡ଼ା ବ୍ଲକରେ ଜଣେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରୁଛନ୍ତି ।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଶୁକ୍ରବାର ଥିଲା ନାମାଙ୍କନ ପତ୍ର ଦାଖଲର ଅନ୍ତିମ ଦିବସ । ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରାର୍ଥୀପତ୍ର ଦାଖଲ ନିମନ୍ତେ ଆଶାୟୀ ଓ ସେମାନଙ୍କ ସମର୍ଥକମାନଙ୍କ ଭିଡ଼ ଜମିଥିଲା । ଫଳରେ କିଛି ସମୟ ପାଇଁ କରୋନା କଟକଣା ଉଲ୍ଲଂଘନ ହେଇଥିବା ନଜରକୁ ଆସିଥିଲା । ଏହା ଭିତରେ ସମର୍ଥକଙ୍କ ଗହଣରେ ବରିଷ୍ଠ ନେତା ବିଜୟ କୁମାର ନନ୍ଦ ଗଡିଆସାହି ପଞ୍ଚାୟତର ସମିତି ସଭ୍ୟ ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ସେହିପରି ପୂର୍ବତନ ସମିତି ସଭ୍ୟା ମୌନା ମାଝି ବୋଦସା ପଞ୍ଚାୟତର ସମିତି ସଭ୍ୟ ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ପୂର୍ବତନ ଖଣ୍ଡପଡ଼ା ବ୍ଲକ ଅଧକ୍ଷ ଶିଶିର କୁମାର ସାହୁ ରାଣୀପଡା ପଞ୍ଚାୟତ ସମିତି ସଭ୍ୟ ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେହିପରି କଣ୍ଟିଲୋ ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚ ପଦବୀ ଅନୁସୂଚିତ ମହିଳା ପାଇଁ ସଂରକ୍ଷିତ ରହିଥିବାରୁ ସମିତି ସଭ୍ୟା ନିମନ୍ତେ ଅଞ୍ଜଳୀ ଦଳେଇ, ପ୍ରଗତି ମହାରଣା, ପ୍ରଭାସିନୀ ବେହେରା, ଶାନ୍ତିଲତା ଦଳେଇ, ସସ୍ମିତା ସେଠୀ ଓ ଶିଖା ବେହେରା ପ୍ରମୁଖ ୬ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଅପରପକ୍ଷେ ଏହି ପଞ୍ଚାୟତର ସରପଞ୍ଚ ପଦ ପାଇଁ ବାସନ୍ତୀ ବେହେରା, ରୀନା ବେହେରା ଓ ସସ୍ମିତା ସେଠୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ବାଣପୁର ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ପ୍ରତିମା ପ୍ରଧାନ, ସୁଜାତା ବେହେରା, ନିତୁ ସିଂ, ବିଳାସିନୀ ଦଳେଇ, ବିଷ୍ଣୁପ୍ରିୟା ପ୍ରଧାନ, ଲକ୍ଷ୍ମୀପ୍ରିୟା ପ୍ରଧାନ ପ୍ରମୁଖ ୬ଜଣ ଓ ସମିତି ସଭ୍ୟ ପାଇଁ ଅଶାନ୍ତି ଦାସ, ଶାନ୍ତିଲତା ଦଳେଇ, ସ୍ମିତାରାଣୀ ରାଉତ ଓ ମିତାଲି ଜେନା ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।

